Bhubaneswar, Saturday, August 22, 2026
ଭୁବନେଶ୍ୱର,ଶନିବାର,ଅଗଷ୍ଟ ୨୨, ୨୦୨୬
Vol-01, Issue-114
ବର୍ଷ-୦୧, ସଂଖ୍ୟା -୧୧୪
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA




## ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବ୍‌କା ବିକାଶ' ଭିତରେ ନିହିତ ଅଛି ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧/୮ :ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ଜନ୍ମ ଶତବାର୍ଷିକୀ ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ନିକଟସ୍ଥ ଗୁରୁଜାଙ୍ଗଠାରେ ଆୟୋଜିତ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏକ ବଡ ଘୋଷଣା କରିଛନ୍ତି। ସ୍ୱାମୀଜୀଙ୍କ ସ୍ମୃତିପୁତ ପବିତ୍ର ଗୁରୁଜାଙ୍ଗ ଗ୍ରାମକୁ 'ଐତିହ୍ୟ ଗ୍ରାମ' ଭାବେ ଗଢିତୋଳିବାକୁ ସହ ଗୁରୁଜାଙ୍ଗ ପଂଚାୟତକୁ 'ଆଦର୍ଶ ପଂଚାୟତ' ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସଭାକୁ ସାମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ ଆଦର୍ଶ, ଅଲୌକିକ ଅନୁଷ୍ଠାନ ଓ ସନାତନ ଧର୍ମର ଦୀପ୍ତିମାନ ମାର୍ଗଦର୍ଶକ। ଆଜିର ଆଧୁନିକ ଯୁଗରେ ସୁଖ-ସୁବିଧା ତ୍ୟାଗ କରି ସେ କନ୍ଧମାଳର ଦୁର୍ଗମ ଓ ଘଂଚ ଜଙ୍ଗଲରେ ରହି ଅସହାୟ ବନବାସୀଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେଠାରେ ଚକାପାଦ ଓ ଜଲେଶପଟ୍ଟା ଆଶ୍ରମ ଏବଂ ବନ୍ୟା ଗୁରୁକୁଳ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରି ଗଢିତୋଳିଥିଲେ । ତାଙ୍କ ଦ୍ୱାରା ବୁଣାଯାଇଥିବା ସଂସ୍କୃତିର ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି ଏବଂ ଧର୍ମାନ୍ତରୀକରଣ ବିରୋଧରେ ସେ ଆରମ୍ଭ କରିଥିବା ସଚେତନତା ସମଗ୍ର ରାଜ୍ୟରେ ଏକ ଜାଗ୍ରତ ସନାତନୀ ସଂକଳ୍ପ ଭାବେ ଛିଡା ହୋଇଛି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହେଉଛନ୍ତି ଆମ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ବୋଲି ସେ କହିଥିଲେ। ସ୍ୱାମୀଜୀଙ୍କ ଅତୁଳନୀୟ ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ରାଜ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। 'ଫୁଲବାଣୀ ସରକାରୀ ମେଡିକାଲ କଲେଜ'କୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜ' ଭାବେ ନାମିତ କରାଯାଇଛି। ଏହାସହ ସ୍ୱାମୀଜୀଙ୍କ କର୍ମପୀଠ ଜଲେଶପଟ୍ଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମର ବିକାଶ ଏବଂ ଐତିହ୍ୟ ସଂରକ୍ଷଣ ପାଇଁ 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା' (CMSA) ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ ୫ କୋଟି ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ, ୩କୋଟି ଟଙ୍କାରେ ଐତିହ୍ୟ ସ୍ଥଳର ସଂରକ୍ଷଣ ଏବଂ ପାନୀୟ ଜଳ ଯୋଗାଣ ପାଇଁ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ୨୦୦୮ ମସିହା ଜନ୍ମାଷ୍ଟମୀ ରାତ୍ରିରେ ସ୍ୱାମୀଜୀଙ୍କ ନିର୍ମମ ହତ୍ୟାକାଣ୍ଡକୁ ମନେପକାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ବିଫଳତା, ଅବହେଳା ଓ ତୁଷ୍ଟିକରଣ ରାଜନୀତିକୁ କଡା ସମାଲୋଚନା କରିଛନ୍ତି। ସ୍ୱାମୀଜୀଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ଗଠିତ ଜଷ୍ଟିସ୍ ମହାପାତ୍ର କମିଶନ୍ ଏବଂ ଜଷ୍ଟିସ୍ ନାଇଡୁ କମିଶନଙ୍କ ରିପୋର୍ଟ ଓ ଫାଇଲ୍ ଲୋକସେବା ଭବନରୁ ଗାଏବ ହେବା ଅପରାଧୀଙ୍କୁ ବଂଚାଇବାର ଏକ ସୁଚିନ୍ତିତ ଷଡଯନ୍ତ୍ର ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ମଂଚରୁ ମୁଖ୍ୟମନ୍ତ୍ରୀ ସାଢେ ଚାରି କୋଟି ଓଡିଶାବାସୀଙ୍କୁ ଦୃଢ ଆଶ୍ୱାସନା ଦେଇଛନ୍ତି ଯେ, ସ୍ୱାମୀଜୀଙ୍କ ରକ୍ତର ପ୍ରତ୍ୟେକ ଟୋପାକୁ ନ୍ୟାୟ ମିଳିବ ଏବଂ ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଦାସର୍ବଦା ସ୍ୱାମୀଜୀଙ୍କ ସେବା ଓ ସନାତନୀ ନିଷ୍ଠାକୁ ଗଭୀର ସମ୍ମାନ ଜଣାଇ ଆସିଥିବା କଥା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଜୀଙ୍କ ସବକା ସାଥ୍, ସବ୍‌କା ବିକାଶ' ଆଦର୍ଶ ଭିତରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ହିଁ ନିହିତ ରହିଛି। ଶେଷରେ ଆଜିର ଯୁବପିଢି (Gen z) ନିଜର ମୂଳ ଶିକ୍ଷା, ସଂସ୍କୃତି, ବେଦ, ସଂସ୍କୃତ, ଗୋ-ସଂରକ୍ଷଣ ଓ ସନାତନୀ ପରମ୍ପରା ସହ ଯୋଡିହୋଇ ଦେଶଭକ୍ତି ଓ ସାହସର ସହ ସମାଜ ଗଠନରେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଧାତ୍ମିକ ଓ ସାମାଜିକ ଅବଦାନର ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ସମାଜକୁ ଆହ୍ୱାନ ଦେଇଥିଲେ। ଆଜିର ଯୁବ ସମାଜ ନିଜ ମୂଳ ଶିକ୍ଷା, ନୈତିକତା ଓ ସନାତନ ସଂସ୍କୃତିକୁ ବଂଚାଇ ରଖିବା ପାଇଁ ସ୍ୱାମୀଜୀଙ୍କ ତ୍ୟାଗ ଓ ସଂଗ୍ରାମରୁ ପ୍ରେରଣା ନେବା ଆବଶ୍ୟକ ବୋଲି ସେ କହିଥିଲେ। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଏହି ସମାରୋହରେ ଯୋଗଦେଇ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମପୀଠ ଗୁରୁଜାଙ୍ଗକୁ 'ଐତିହ୍ୟ ଗ୍ରାମ' ଏବଂ ଗୁରୁଜାଙ୍ଗ ପଂଚାୟତକୁ 'ଆଦର୍ଶ ପଂଚାୟତ' ଭାବେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ଯୁଗାନ୍ତକାରୀ ନିଷ୍ପତି ସ୍ୱାମୀଜୀଙ୍କ ଅମର ସ୍ମୃତି ପ୍ରତି ଏକ ଯଥାର୍ଥ ସମ୍ମାନ ଏବଂ ଏହାଦ୍ୱାରା ଅଂଚଳର ଆଧାତ୍ମିକ ଓ ସାଂସ୍କୃତିକ ଗୌରବ ଆହୁରି ବୃଦ୍ଧି ପାଇବ। ନିଜ ବକ୍ତବ୍ୟରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାମୀଜୀ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ସେ ଥିଲେ ବନବାସୀ ଅଂଚଳରେ ଶିକ୍ଷା, ସଂସ୍କାର ଓ ସାମାଜିକ ଜାଗରଣର ମୁଖ୍ୟ ପୁରୋଧା। କନ୍ଧମାଳ ଭଳି ଦୁର୍ଗମ ଅଂଚଳରେ ରହି ବନବାସୀ ଭାଇଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଆତ୍ମସମ୍ମାନକୁ ଫେରାଇ ଆଣିବାରେ ତାଙ୍କର ଯୋଗଦାନ ଅତୁଳନୀୟ। ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ସ୍ୱାମୀଜୀ ଜଲେଶପଟ୍ଟା ଓ ଚକାପାଦ ଆଶ୍ରମ ମାଧ୍ୟମରେ ବନବାସୀ କନ୍ୟାମାନଙ୍କୁ ସଂସ୍କୃତ ଶିକ୍ଷା ଓ ନୈତିକ ମୂଲ୍ୟବୋଧରେ ଦୀକ୍ଷିତ କରି ଯେଉଁ ସାମାଜିକ ବିପ୍ଳବ ଆରମ୍ଭ କରିଥିଲେ, ତାହା ଆଜିର ଯୁବପିଢି ପାଇଁ ପ୍ରେରଣାର ଉତ୍ସ। ରାଜ୍ୟ ସରକାରଙ୍କ ଦ୍ୱାରା ଗୁରୁଜାଙ୍ଗ ବିକାଶ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସ୍ୱାମୀଜୀଙ୍କ ଆଦର୍ଶ ଓ ସେବା ମନୋଭାବକୁ ଆଗକୁ ନେବାରେ ସହାୟକ ହେବ। ଏହି ପବିତ୍ର ଜନ୍ମ ଶତବାର୍ଷିକୀ ମହୋସବରେ ପଂଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ, ପରଜଙ୍ଗ ବିଧାୟକ ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ପାଲଲହଡା ବିଧାୟକ ଶ୍ରୀ ଅଶୋକ ମହାନ୍ତି ଏବଂ ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ, ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜୀ, ସ୍ୱାମୀ ସଚ୍ଚିଦାନନ୍ଦ ଜୀ ମହାରାଜଙ୍କ ସମେତ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ଅତିଥି ଓ ରାଜ୍ୟର କୋଣ-ଅନୁକୋଣରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର୨୧/୮ : ଓଡ଼ିଆ ସଙ୍ଗୀତ ଜଗତର ସୁନାମଧନ୍ୟ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଅଗଷ୍ଟ ୨୧ ତାରିଖରେ ପରଲୋକ ଘଟିଛି। ଦେହାନ୍ତ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା। ୧୯୫୮ରେ 'ମା' ଚଳଚ୍ଚିତ୍ରରୁ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେ ଭଜନ, ଓଡ଼ିଶୀ, ପଲ୍ଲୀଗୀତ ଏବଂ ଗଜଲ ଗାଇ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଓଡ଼ିଆ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' (୨୦୧୬) ସମେତ ସେ ଅନେକ ରାଜ୍ୟସ୍ତରୀୟ ଓ ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସେ ୧୯୩୮ ଜାନୁଆରୀ ୨୦ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଲାଲମୋହନ ପଟ୍ଟନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ରାଜନେତା ଥିଲେ, ଯିଏକି ସ୍ୱାଧୀନତା ପୂର୍ବର ଓଡ଼ିଶା ବିଧାନସଭାର ଜଣେ ବାଚ୍‌ସ୍ପତି ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ ଭଉଣୀ ସୁଧାଂଶୁମାଳିନୀ ରାୟ ମଧ୍ୟ ରାଜନୀତିରେ ସକ୍ରିୟ ଥିଲେ ଏବଂ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

## ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟପାଳଙ୍କ ଶୋକ

ଭୁବନେଶ୍ୱର,୨୧/୮ : ପ୍ରସିଦ୍ଧ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗଭୀର ଶୋକ ପ୍ରକାଶ କରିଛନ୍ତି।

ଏକ ଶୋକବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ଶ୍ରୀ ପ୍ରଣବ ପଟ୍ଟନାୟକ ଜୀଙ୍କ ବିୟୋଗରେ ମୁଁ ଗଭୀର ଭାବେ ମର୍ମାହତ। ତାଙ୍କର ମଧୁର କଣ୍ଠସ୍ୱର ଓ ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପିଢ଼ି ପିଢ଼ି ଧରି ସ୍ମରଣୀୟ ହୋଇ ରହିବ। ତାଙ୍କର ଦେହାବସାନ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଅସଂଖ୍ୟ ପ୍ରଶଂସକଙ୍କ ପ୍ରତି ମୋର ହୃଦୟରୁ ସମବେଦନା। ମହାପ୍ରଭୁ ଶ୍ରୀଜଗନ୍ନାଥ ଦିବଙ୍ଗତ ଆତ୍ମାଙ୍କୁ ଚିରଶାନ୍ତି ପ୍ରଦାନ କରନ୍ତୁ।

## ପ୍ରଣବ ପଟ୍ଟନାୟକଙ୍କ କାଳଜୟୀ ସଙ୍ଗୀତ ଚିରକାଳ ଅମର ହୋଇ ରହିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧/୮ : ପ୍ରସିଦ୍ଧ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି ।ତାଙ୍କର ସୁମଧୁର ସ୍ୱରର ମୂର୍ଚ୍ଛନା ଓ କାଳଜୟୀ ସଙ୍ଗୀତ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରକାଳ ଅମର ହୋଇ ରହିବ। ଏହି ଦୁଃଖଦ ସମୟରେ ମୁଁ ଶୋକସନ୍ତପ୍ତ ପରିବାରବର୍ଗ ଓ ଅସଂଖ୍ୟ ପ୍ରଶଂସକଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି।

## ସଙ୍ଗୀତ ଜଗତକୁ ସମୃଦ୍ଧ କରିବାରେ ପ୍ରଣବଙ୍କ ଅବଦାନ ଚିର ସ୍ମରଣୀୟ : ନବୀନ ପଟ୍ଟନାୟକ

ଭୁବନେଶ୍ୱର,୨୧/୮ : ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଦେହାନ୍ତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ନବୀନ କହିଛନ୍ତି ଓଡ଼ିଆ ସଙ୍ଗୀତ ଜଗତର ଅଭୁଲା ସ୍ୱର, ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ସୁମଧୁର ଗାୟନ ଶୈଳୀ ଅନେକ ଓଡ଼ିଆ ସଙ୍ଗୀତକୁ ଲୋକଙ୍କ ହୃଦୟରେ କାଳଜୟୀ କରିଛି। ସଙ୍ଗୀତ ଜଗତକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଅମର ଆତ୍ମାର ସଦଗତି କାମନା କରୁଛି।

### ଦ୍ୱୈତନଗରୀରେ ଖାଦ୍ୟ ସୁରକ୍ଷା ଯାଞ୍ଚ କଡ଼ାକଡ଼ି

## ୭୧ କୁଇଣ୍ଟାଲ ଭେଜାଲ ପନିର ଓ ୬୬ କିଲୋଗ୍ରାମ ବାସି ଖାଦ୍ୟ ଜବତ, ୬ଟି ଦୋକାନକୁ ବନ୍ଦ ନୋଟିସ

ଭୁବନେଶ୍ୱର,୨୧/୮ : ଆଗାମୀ ରାକ୍ଷୀବନ୍ଧନ ଏବଂ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ହେବାକୁ ଥିବା ବିଭିନ୍ନ ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ଖାଦ୍ୟ ସୁରକ୍ଷା ଆୟୁକ୍ତ ଶ୍ରୀମତୀ ପୋମା ଟୁଡୁଙ୍କ ନିର୍ଦ୍ଦେଶକ୍ରମେ କଟକ ଓ ଭୁବନେଶ୍ୱର ଦ୍ୱିତନଗରୀରେ ଖାଦ୍ୟ ସୁରକ୍ଷା ଯାଞ୍ଚ ଓ ଚଢ଼ାଉକୁ ଆହୁରି କଡ଼ାକଡ଼ି କରାଯାଇଛି। ଗତ ଦୁଇ ଦିନ ମଧ୍ୟରେ ଦ୍ୱିତନଗରୀର ବିଭିନ୍ନ ବଡ଼ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇ ପ୍ରାୟ ୭୧ କୁଇଣ୍ଟାଲ ଭେଜାଲ ପନିର ଏବଂ ୬୬ କିଲୋଗ୍ରାମ ବାସି ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଜବତ କରାଯାଇଛି। କଟକରେ କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡା. ନୃପେନ୍ଦ୍ର ସତପଥୀଙ୍କ ନେତୃତ୍ୱରେ ମିଳିତ ଯାଞ୍ଚ ଦଳ ପକ୍ଷରୁ ଦୁଇ ଦିନ ଧରି ଚଢ଼ାଉ କରାଯାଇ ପ୍ରାୟ ୧୭ ଲକ୍ଷ ୭୫ ହଜାର ଟଙ୍କା ମୂଲ୍ୟର ୭୧ କୁଇଣ୍ଟାଲ ଭେଜାଲ ପନିର ଜବତ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରାଙ୍କ ସୂଚନା ଅନୁଯାୟୀ, କଟକ ବିକାଶ କର୍ତ୍ତୃପକ୍ଷ ଅଞ୍ଚଳ ତଥା











କଟକ ବିକାଶ ପ୍ରାଧିକରଣ ଅଧୀନ ବିଭିନ୍ନ ଅଞ୍ଚଳରେ ନିୟମିତ ଯାଞ୍ଚ ସମୟରେ ଏକ ହୋଟେଲରେ ଭେଜାଲ ପନିର ବ୍ୟବହାର ହେଉଥିବା ସୂଚନା ମିଳିଥିଲା। ପରବର୍ତ୍ତୀ ତଦନ୍ତରୁ ଜଣାପଡ଼ିଥିଲା ଯେ ଏହି ପନିର ଛୋଟ ଯାନ ମାଧ୍ୟମରେ ବିଭିନ୍ନ ସ୍ଥାନକୁ ଯୋଗାଣ କରାଯାଉଥିଲା ଏବଂ ଏହାର ଉତ୍ସ ନିଳାଇ ଅଞ୍ଚଳ ବୋଲି ଜଣାପଡ଼ିଥିଲା। ଏହି ସୂଚନା ଆଧାରରେ କଟକ ମହାନଗର ନିଗମର ଖାଦ୍ୟ ସୁରକ୍ଷା ବିଭାଗ ତୁରନ୍ତ ମିଳିତ ଚଢ଼ାଉ ପାଇଁ ଯୋଜନା କରିଥିଲା। ଅଗଷ୍ଟ ୧୮ ଓ ୧୯ ତାରିଖରେ ପ୍ରେସ ଛକ, ଲିଙ୍କ ରୋଡ଼ ରେଳଧାରଣା ନିକଟ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସ୍ଥାନଗୁଡ଼ିକରେ ବ୍ୟବସାୟୀମାନେ ନିଜ ଯାନ ରଖି ବିଭିନ୍ନ ଦୋକାନ ଓ ହୋଟେଲକୁ ଛୋଟ ଯାନ ମାଧ୍ୟମରେ ପନିର ଯୋଗାଣ କରୁଥିବା ସୂଚନା ମିଳିଥିଲା। ଦୁଇ ଦିନର ଚଢ଼ାଉ ସମୟରେ ପ୍ରାୟ ୧୭ ଲକ୍ଷ ୭୫ ହଜାର ଟଙ୍କା ମୂଲ୍ୟର ୭୧ କୁଇଣ୍ଟାଲ ପନିର ଜବତ କରାଯାଇ ପୁଲିସ ସହାୟତାରେ ଶତୀଚଉରା ଅଞ୍ଚଳର ଆବର୍ଜନା ନିଷ୍କାସନ ସ୍ଥାନକୁ ନେଇ ନଷ୍ଟ କରାଯାଇଛି। ଜବତ ପନିରର ନମୁନା ସଂଗ୍ରହ କରାଯାଇ ରାସାୟନିକ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ପରୀକ୍ଷାଗାରର ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀମାନେ କହିଛନ୍ତି। ଅଧିକାରୀମାନଙ୍କ ମତରେ ଏଭଳି ଭେଜାଲ ପନିର ମାନବ ଶରୀର ପାଇଁ ଧୀର ବିଷ ଭଳି କାମ କରିପାରେ ଏବଂ ଦୀର୍ଘକାଳରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ। ଏହି ଭେଜାଲ ପନିର ଉତ୍ପାଦନ କରୁଥିବା କାରଖାନା କିମ୍ବା ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ କଟକ ମହାନଗର ନିଗମ ପକ୍ଷରୁ ତଦନ୍ତ ଓ ପଦକ୍ଷେପ ତ୍ୱରାନ୍ୱିତ କରାଯାଇଛି। ସେହିପରି ଭୁବନେଶ୍ୱରର ବିଭିନ୍ନ ବଡ଼ ବଜାର ଓ ବ୍ୟବସାୟିକ ସ୍ଥାନରେ ମଧ୍ୟ ଗତ ଦୁଇ ଦିନ ଧରି ମିଳିତ ଚଢ଼ାଉ କରାଯାଇଥିଲା। ନିର୍ଦ୍ଦିଷ୍ଟ ଅଧିକାରୀ ସତ୍ୟଜିତ ପଟେଲଙ୍କ ନେତୃତ୍ୱରେ ରସୁଲଗଡ଼ସ୍ଥିତ ନେକ୍ସସ ଏସପ୍ଲାନେଡ, ହଂସପାଳସ୍ଥିତ ସିମ୍ଫୋନି ମଲ, ପାତ୍ରପଡ଼ାସ୍ଥିତ ଡିଏନ ରେଗାଲିଆ, ସିଆରପିଏଫ, ରସୁଲଗଡ଼ ଓ କଳିଙ୍ଗନଗର ଅଞ୍ଚଳର ବିଭିନ୍ନ ଖାଦ୍ୟ ଦୋକାନରେ ଯାଞ୍ଚ ଓ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ପ୍ରାୟ ୬୬ କିଲୋଗ୍ରାମ ବାସି ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଜବତ କରାଯାଇଛି। ପରବର୍ତ୍ତୀ ପରୀକ୍ଷା ପାଇଁ ମୋଟ ୧୦ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି ଏବଂ ନିୟମ ଉଲ୍ଲଂଘନ କରିଥିବା ୬ଟି ଖାଦ୍ୟ ପ୍ରତିଷ୍ଠାନକୁ ବନ୍ଦ ନୋଟିସ ଜାରି କରାଯାଇଛି। ଦ୍ୱିତନଗରୀରେ ଖାଦ୍ୟ ସୁରକ୍ଷା ବିଭାଗର ଏଭଳି କଡ଼ା ଯାଞ୍ଚ ଓ ଚଢ଼ାଉକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ପର୍ବପର୍ବାଣି ସମୟରେ ଖାଦ୍ୟର ଚାହିଦା ବଢୁଥିବାରୁ ଭେଜାଲ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ବିରୋଧରେ ନିୟମିତ ଯାଞ୍ଚ ଅତ୍ୟନ୍ତ ଆବଶ୍ୟକ ବୋଲି ସାଧାରଣ ଲୋକ ମତ ପ୍ରକାଶ କରିଛନ୍ତି। ଖାଦ୍ୟ ସୁରକ୍ଷା ଆୟୁକ୍ତ ଶ୍ରୀମତୀ ପୋମା ଟୁଡୁ ଯାଞ୍ଚ ଓ ଚଢ଼ାଉ କାର୍ଯ୍ୟକ୍ରମକୁ ନିୟମିତ ଭାବେ ଜାରି ରଖିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନସମ୍ମତ ପଦକ୍ଷେପ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ପାଦକୀୟ

# ବିଧାୟକଙ୍କ ବିଦ୍ରୋହ

ପଶ୍ଚିମବଙ୍ଗ ରାଜନୀତିରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସି) ବର୍ତ୍ତମାନ ଏହାର ୨୮ ବର୍ଷର ଇତିହାସରେ ସବୁଠାରୁ ବଡ଼ ଏବଂ ସାଂଘାତିକ ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଛି, ଯାହା ଦଳର ଭବିଷ୍ୟତ ଓ ଅସ୍ତିତ୍ୱ ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ନିକଟରେ ଶୋଚନୀୟ ଭାବେ ପରାଜିତ ହେବା ଏବଂ ଦୀର୍ଘ ୧୫ ବର୍ଷର ଶାସନ ଗାଦିରୁ ଚ୍ୟୁତ ହେବା ପରେ ଦଳ ମଧ୍ୟରେ ଥିବା ଆନ୍ତରିକ ଅସନ୍ତୋଷ ଏବଂ ବିଦ୍ରୋହ ବର୍ତ୍ତମାନ ଏକ ପ୍ରକାଶ୍ୟ ବିଭାଜନର ରୂପ ନେଇଛି। ଏହି ସଙ୍କଟ ସେତେବେଳେ ଚରମ ସୀମାରେ ପହଞ୍ଚିଲା ଯେତେବେଳେ ଦଳରୁ ବହିଷ୍କୃତ ବିଧାୟକ ରିତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ପ୍ରାୟ ୫୮ ଜଣ ଟିଏମସି ବିଧାୟକ ଏକଜୁଟ ହୋଇ ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବୋଷଙ୍କୁ ସାକ୍ଷାତ କରି ନିଜକୁ 'ପ୍ରକୃତ ତୃଣମୂଳ କଂଗ୍ରେସ' ଭାବେ ସ୍ୱୀକୃତି ଦେବାକୁ ଦାବି କଲେ। ଦଳବଦଳ ବିରୋଧୀ ଆଇନରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ହେଉଥିବା ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା (ଟିଏମସିର ମୋଟ ୮୦ ବିଧାୟକଙ୍କ ମଧ୍ୟରୁ ୫୮ରୁ ଅଧିକ) ଏହି ବିଦ୍ରୋହୀ ଗୋଷ୍ଠୀ ପାଖରେ ଥିବାରୁ ବାଚସ୍ପତି ରିତବ୍ରତ ବାନାର୍ଜୀଙ୍କୁ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି, ଯାହା ମମତା ବାନାର୍ଜୀ ଏବଂ ତାଙ୍କ ଭଣଜା ଅଭିଷେକ ବାନାର୍ଜୀଙ୍କ ପାଇଁ ଏକ ଅତି ବଡ଼ ବ୍ୟକ୍ତିଗତ ତଥା ରାଜନୈତିକ ଧକ୍କା ସଦୃଶ ହୋଇଛି। ଏହି ନାଟକୀୟ ବିଦ୍ରୋହର କିଛି ଘଣ୍ଟା ମଧ୍ୟରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଦଳ ଉପରେ ନିଜର ନିୟନ୍ତ୍ରଣ ଫେରି ପାଇବା ପାଇଁ ପଶ୍ଚିମବଙ୍ଗର ସମସ୍ତ ସାଂଗଠନିକ କମିଟି ଏବଂ ସମ୍ମୁଖ ସଂଗଠନଗୁଡ଼ିକୁ ତୁରନ୍ତ ପ୍ରଭାବରୁ ଭଙ୍ଗ କରିଦେଇଛନ୍ତି, ଯାହା ଦଳ ଭିତରେ ଥିବା ଆତଙ୍କ ଓ ଅସ୍ଥିରତାକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ଏହି ବିଦ୍ରୋହର ସୂତ୍ରପାତ ଦଳ ଭିତରେ ଛଳନାପୂର୍ଣ୍ଣ ଦସ୍ତଖତ କରାଯାଇଥିବା ଏକ ବିବାଦରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ସୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା ମନୋନୀତ କରିବା ପାଇଁ ଅନ୍ୟ ବିଧାୟକମାନଙ୍କ ନକଲି ଦସ୍ତଖତ କରାଯାଇଥିବା ଅଭିଯୋଗ କରି ରିତବ୍ରତ ବାନାର୍ଜୀ ଏବଂ ସନ୍ଦୀପନ ସାହା ବାଚସ୍ପତିଙ୍କୁ ଚିଠି ଲେଖିଥିଲେ ଏବଂ ଏହା ପରେ ସେମାନଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ବର୍ତ୍ତମାନ ଏହି ବିଦ୍ରୋହୀ କ୍ୟାମ୍ପ ନିଜର ଶକ୍ତି ପ୍ରଦର୍ଶନ କରି ଏକ ମିନି ବସରେ ଏକାଠି ବିଧାନସଭାକୁ ଆସିବା ଏବଂ ବାଚସ୍ପତିଙ୍କ ସମ୍ମୁଖରେ ଦଳର ସଂଖ୍ୟା ଗରିଷ୍ଠତା ଉପସ୍ଥାପନ କରିବା ପଶ୍ଚିମବଙ୍ଗ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ସେପଟେ ନୂତନ ଭାବେ ଗଠିତ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ଆହୁତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ବୈଠକରେ ଫିରହାଦ ହାକିମ, ଜାଭେଦ ଖାନ ଏବଂ କୁନାଲ ଘୋଷଙ୍କ ଭଳି ପ୍ରାୟ ୨୦ ଜଣ ବରିଷ୍ଠ ଟିଏମସି ନେତା ଓ ବିଧାୟକ ଯୋଗଦେବା ମମତା ବାନାର୍ଜୀଙ୍କୁ ଅଧିକ ଚିନ୍ତାରେ ପକାଇଛି, ଯାହା ଦଳର ଆଭ୍ୟନ୍ତରୀଣ ଫାଟକୁ ପଦାରେ ପକାଇଛି। ଏହି ସମୟରେ ମମତା ବାନାର୍ଜୀ କୋଲକାତାର ଏସପ୍ଲାନେଡଠାରେ ଏକ ପ୍ରତିବାଦ ସଭା ଆୟୋଜନ କରିଥିଲେ ମଧ୍ୟ ସେଠାରେ ଦଳର ନିର୍ବାଚିତ ବିଧାୟକମାନଙ୍କ ଅନୁପସ୍ଥିତି ସାଧାରଣ ଜନତାଙ୍କ ମଧ୍ୟରେ ଦଳର ଦୁର୍ବଳତାକୁ ପ୍ରମାଣିତ କରିଛି। ରାଜନୈତିକ ସମୀକ୍ଷକମାନଙ୍କ ମତରେ ଟିଏମସିର ଏହି ଅବସ୍ଥା ମହାରାଷ୍ଟ୍ରର ଶିବସେନା କିମ୍ବା ଏନସିପି ଭଳି ହେବାକୁ ଯାଉଛି, ଯେଉଁଠାରେ ବିଜେପି ପରୋକ୍ଷରେ ଦଳକୁ ଦୁଇ ଭାଗ କରି ଶାସନ କ୍ଷମତାକୁ ନିଜ ହାତକୁ ନେଇଛି। ନିର୍ବାଚନ ପରବର୍ତ୍ତୀ ହିଂସା, ଆସାନସୋଲ, କୁଚବିହାର ଏବଂ କୋଲକାତାର ବିଭିନ୍ନ ସ୍ଥାନରେ ଟିଏମସି କାର୍ଯ୍ୟାଳୟଗୁଡ଼ିକ ଉପରେ ହେଉଥିବା ଆକ୍ରମଣ ଏବଂ ନେତାମାନଙ୍କ ଗିରଫଦାରୀ ଦଳର କର୍ମୀମାନଙ୍କ ମନୋବଳକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଛି। ଫଳତା ଆସନର ଉପନିର୍ବାଚନ ଫଳାଫଳରୁ ସ୍ପଷ୍ଟ ଜଣାପଡ଼ିଛି ଯେ ତୃଣମୂଳ କଂଗ୍ରେସ ଏକ ମୁଖ୍ୟ ରାଜନୈତିକ ଶକ୍ତିରୁ ହଟି ଚତୁର୍ଥ ସ୍ଥାନକୁ ଖସିଆସିଛି ଏବଂ ଏହାର ପାରମ୍ପରିକ ଭୋଟ ବ୍ୟାଙ୍କ, ବିଶେଷ କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟ ବର୍ତ୍ତମାନ ବାମପନ୍ଥୀ ଏବଂ କଂଗ୍ରେସ ଆଡ଼କୁ ସ୍ଥାନାନ୍ତରିତ ହେବାରେ ଲାଗିଛି, ଯାହା ଦଳର ଶେଷ ଆଶାକୁ ମଧ୍ୟ ମଉଳାଇ ଦେଇଛି। ମମତା ବାନାର୍ଜୀ ନିଜକୁ ପୁଣି ଜଣେ ଆନ୍ଦୋଳନକାରୀ ନେତ୍ରୀ ଭାବେ ଉପସ୍ଥାପନ କରି ଦଳକୁ ରାଜପଥରେ ସଂଗଠିତ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ତାଙ୍କ ନେତାମାନଙ୍କୁ ଭୟଭୀତ କିମ୍ବା ଲାଞ୍ଚ ଦେଇ ଦଳକୁ ଦୁର୍ବଳ କରାଯାଇପାରିବ ନାହିଁ ବୋଲି ହୁଙ୍କାର ଦେଉଛନ୍ତି, କିନ୍ତୁ ବିଧାୟକମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟଶୈଳୀକୁ ନେଇ ଥିବା ତୀବ୍ର ଅସନ୍ତୋଷ ଏହି ସଙ୍କଟକୁ ଆହୁରି ବଢ଼ାଇ ଚାଲିଛି। ଜାତୀୟ ସ୍ତରରେ ବିଜେପି ବିରୋଧୀ 'ଇଣ୍ଡିଆ' ମେଣ୍ଟର ବୈଠକରେ ଯୋଗଦେଇ ନିଜର ରାଜନୈତିକ ପ୍ରାସଙ୍ଗିକତା ରକ୍ଷା କରିବାକୁ ମମତା ଚେଷ୍ଟା କରୁଥିଲେ ସୁଦ୍ଧା, ପଶ୍ଚିମବଙ୍ଗ ମାଟିରେ ନିଜ ଦଳର ସଂଖ୍ୟା ଗରିଷ୍ଠ ବିଧାୟକଙ୍କୁ ବାନ୍ଧି ରଖିବାରେ ସେ ବିଫଳ ହୋଇଛନ୍ତି। ଶେଷରେ, ଏହି ମହାସଙ୍କଟ ପଶ୍ଚିମବଙ୍ଗର ଆଞ୍ଚଳିକ ରାଜନୀତିରେ ମମତା ବାନାର୍ଜୀଙ୍କ ଏକଚାଟିଆ ସାମ୍ରାଜ୍ୟର ଅନ୍ତ ଘଟାଇବା ସହ ଆଗାମୀ ଦିନରେ ଦଳର ସମ୍ପୂର୍ଣ୍ଣ ବିଲୟ କିମ୍ବା ଏକ ନୂତନ ଦୁର୍ବଳ ସଂଗଠନରେ ପରିଣତ ହେବାର ସ୍ପଷ୍ଟ ସଙ୍କେତ ଦେଉଛି।

# କେନ୍ଦ୍ରର ଖେଳ-ଓଡିଶା ପାଇଁ କାଳ: ଏଥିପାଇଁ ଦାୟୀ କିଏ ?

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**

ସଦର ଗତ ମୌସୁମୀ ଅଧିବେଶନରେ ଯେପରି ଭାବେ 'ଖଣି ଓ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ ୧୯୫୭' (ସଂଶୋଧନ ୨୦୨୬) ସଂଶୋଧନ ବିଧେୟକକୁ ବିନା ଆଲୋଚନାରେ ପାରିତ କରିଦିଆଗଲା, ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ସଂଶୋଧନ ଦ୍ୱାରା ଏମଏମଡିଆର ଆକ୍ଟରେ ଏକ ନୂତନ ଧାରା ୯ଡି ସାମିଲ କରାଯାଇଛି, ଯାହା ଦ୍ୱାରା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ବା କଟକଣା ବ୍ୟତୀତ, ରାଜ୍ୟ ସରକାର ଖଣିଜ ଅଧିକାର କିମ୍ବା ଖଣିଜ ସମ୍ପନ୍ନ ଜମି ଉପରେ କୌଣସି ପ୍ରକାରର ଟ୍ୟାକ୍ସ, ସେସ୍ କିମ୍ବା ସେହିଭଳି ଅନ୍ୟ କୌଣସି ଶୁଳ୍କ ଲଗାଇ ପାରିବେ ନାହିଁ। ଏହି ପ୍ରବନ୍ଧନ ଖଣିଜ ପଦାର୍ଥର ପରିମାଣ, ଖଣିଜର ମୂଲ୍ୟ, ପ୍ରଦେୟ ରୟାଲଟି କିମ୍ବା ଅନ୍ୟ କୌଣସି ଆଧାରରେ ହୋଇଥାଉ ନାହିଁ କାହିଁକି।

ଏହି ନୂତନ ଆଇନ ଜୁଲାଇ ୨୦୨୪ର ସର୍ବୋଚ୍ଚ ନ୍ୟାୟାଳୟଙ୍କ (ସୁପ୍ରିମ୍ କୋର୍ଟ) ରାୟକୁ ରଦ୍ଦ କରିଦେଇଛି, ଯେଉଁ ରାୟ ବଳରେ ରାଜ୍ୟ ସରକାରମାନେ ନିଜ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସମ୍ପଦ ତଥା ଖଣିଜଯୁକ୍ତ ଜମି ଉପରେ କର ବା ସେସ ଲଗାଇ ପାରିବେ। ଏକ ଆକଳନ ଅନୁଯାୟୀ, ସୁପ୍ରିମ୍ କୋର୍ଟଙ୍କ ରାୟ ଆଧାରରେ ୨୦୦୫ ମସିହାରୁ ୨୦୨୪ ପର୍ଯ୍ୟନ୍ତ ପିଛିଲା ଭାବେ ଆଦାୟ କରାଯିବାକୁ ଥିବା ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ଓଡ଼ିଶା ହରାଇବାକୁ ଯାଉଛି ଏବଂ ଏହା ସହିତ 'ଓଡ଼ିଶା ଗ୍ରାମୀଣ ଭିତ୍ତିଭୂମି ଓ ସାମାଜିକ-ଅର୍ଥନୈତିକ ବିକାଶ ଅଧିନିୟମ ୨୦୦୪' ଅନୁଯାୟୀ ବାର୍ଷିକ ପ୍ରାୟ ୧୨,୦୦୦ କୋଟି ଟଙ୍କାର ନିୟମିତ ରାଜସ୍ୱ ମଧ୍ୟ ଓଡ଼ିଶା ହରାଇବ।

ସମ୍ବିଧାନର ସପ୍ତମ ଅନୁସୂଚୀର ଦ୍ୱିତୀୟ ତାଲିକା (List-II / ରାଜ୍ୟ ତାଲିକା) ଅନ୍ତର୍ଗତ ରାଜ୍ୟଗୁଡ଼ିକର କ୍ଷମତାକୁ ସଂକୁଚିତ କରିବା ପାଇଁ କେନ୍ଦ୍ରର ଏହି ପଦକ୍ଷେପ ହେଉଛି ସମ୍ପଦ ଭିତ୍ତିକ ସଂଘୀୟ ବ୍ୟବସ୍ଥାର ଏକ ଉଲ୍ଲଂଘନ, ଯାହାକି ଆମ ସମ୍ବିଧାନର ଅନ୍ୟତମ ମୂଳ ଗଠନ ପ୍ରଣାଳୀ ଅଟେ।ସର୍ବୋଚ୍ଚ ନ୍ୟାୟାଳୟଙ୍କ (ସୁପ୍ରିମ୍ କୋର୍ଟ) ରାୟକୁ ବଦଳାଇ ଖଣି କମ୍ପାନୀଗୁଡ଼ିକର ସ୍ୱାର୍ଥ ରକ୍ଷା କରିବା ହିଁ ଏଭଳି ଏକ ସଂଶୋଧନ ପଛର ପ୍ରକୃତ ଉଦ୍ଦେଶ୍ୟ। ସୁପ୍ରିମ୍‌କୋର୍ଟଙ୍କ ଏକ ୯-ଜଣିଆ ସାମ୍ବିଧାନିକ ପୀଠ ଜୁଲାଇ ୨୫, ୨୦୨୪ରେ ୮-୧ ବହୁମତରେ ଦେଇଥିବା ରାୟ ଏବଂ ଏହାର ପରବର୍ତ୍ତୀ ଅଗଷ୍ଟ ୧୪, ୨୦୨୪ର ନିର୍ଦ୍ଦେଶନାମାରେ ରାଜ୍ୟ ତାଲିକାର ଏଣ୍ଟ୍ରି ୪୯ ଏବଂ ୫୦ ଅନୁଯାୟୀ, ଉତ୍ତୋଳନ କରାଯାଉଥିବା ଖଣିଜ ପଦାର୍ଥର ମୂଲ୍ୟ ଆଧାରରେ ଖଣିଜ ଓ ଖଣିଜ ଯୁକ୍ତ ଜମି ଉପରେ ଟ୍ୟାକ୍ସ ଲଗାଇବା ପାଇଁ ରାଜ୍ୟଗୁଡ଼ିକର ଅଧିକାରକୁ ସ୍ୱୀକୃତି ଦେଇଥିଲେ। ଏଥିସହ ରାଜ୍ୟଗୁଡ଼ିକ ଏପ୍ରିଲ ୧, ୨୦୦୫ରୁ ପିଛିଲା ପ୍ରଭାବ ସହିତ ଏହି ଟ୍ୟାକ୍ସ ଆଦାୟ କରିପାରିବେ। ଏହି ପାଉଣାକୁ ଏପ୍ରିଲ ୧, ୨୦୨୬ଠାରୁ ୧୨ ବର୍ଷ ମଧ୍ୟରେ କିସ୍ତି ଆକାରରେ ଏହା ଆଦାୟ କରାଯିବାର ବ୍ୟବସ୍ଥା ଥିଲା। ଏହି ରାୟ ପରେ, ବେସରକାରୀ ଭାବେ ଆକଳନ କରାଯାଇଥିଲା ଯେ ଭାରତର ଖଣି କ୍ଷେତ୍ରକୁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ବକେୟା ପ୍ରଦାନ କରିବାକୁ ପଡ଼ିବ।

୨୦୨୪ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନେକ ରାଜ୍ୟକୁ ସେସ୍ ଆଦାୟ ପାଇଁ ରାଜ୍ୟ-ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବାକୁ ସକ୍ଷମ କରିଛି, ଯେପରିକି 'ଝାଡ଼ଖଣ୍ଡ ଖଣିଜ ଯୁକ୍ତ ଜମି ସେସ୍ ଅଧିନିୟମ ୨୦୨୪' ଯାହା ୨୦୨୪ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି।୨୦୨୬-୨୭ ଆର୍ଥିକ ବର୍ଷରେ ଝାଡ଼ଖଣ୍ଡ ରାଜ୍ୟ ଏହି ସେସ୍‌ରୁ ୧୪,୬୫୬ କୋଟି ଟଙ୍କାର ରାଜସ୍ୱ ଆକଳନ କରିଥିବାବେଳେ ୨୦୨୫-୨୬ ବର୍ଷରେ ଏହି ଆଦାୟ ପ୍ରାୟ ୧୩,୪୪୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଜୁନ୍ ୨୦୨୪ରେ ଓଡ଼ିଶାରେ କ୍ଷମତାକୁ ଆସିଥିବା ବିଜେପିର 'ଡବଲ୍ ଇଞ୍ଜିନ'ସରକାର ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟରେ ଏହି ରାୟର କାର୍ଯ୍ୟକାରିତାକୁ ଏଡ଼ାଇ ଥିଲେ।

ଏବେ ଏହି ସଂଶୋଧନର ଫଳରେ ଖଣିଜଦ୍ରବ୍ୟ ଧନୀ ରାଜ୍ୟ ଅନେକ କ୍ଷତି ସହିବେ। ଝାଡ଼ଖଣ୍ଡ ଭଳି ରାଜ୍ୟ, ଯେଉଁମାନେ ସୁପ୍ରିମ୍ କୋର୍ଟଙ୍କ ରାୟ ପରେ ତୁରନ୍ତ ଖଣିଜ ଯୁକ୍ତ ଜମିରୁ ସେସ୍ ଆଦାୟ କରିସାରିଛନ୍ତି, ସେମାନେ ସାମାନ୍ୟ ଭାବେ ଲାଭବାନ ହୋଇଛନ୍ତି, କିନ୍ତୁ ଓଡ଼ିଶା କ୍ଷେତ୍ରରେ ଏପରି ହୋଇନାହିଁ। ଖଣିଜ ରାଜସ୍ୱ ବ୍ୟତୀତ, ସମ୍ପଦ ନିୟନ୍ତ୍ରଣ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ରାଜ୍ୟ ଅର୍ଥନୀତି ଉପରେ ବ୍ୟାପକ ପ୍ରଭାବ ପକାଇବ, କାରଣ ଖଣିରୁ ମିଳୁଥିବା ଆୟ ହେଉଛି ରାଜ୍ୟଗୁଡ଼ିକର କର (tax) ଏବଂ ଅଣ-କର ରାଜସ୍ୱର ଅନ୍ୟତମ ପ୍ରମୁଖ ଉତ୍ସ।

ଉଚ୍ଚତମ ନ୍ୟାୟାଳୟର ଏହି ରାୟ ଏକ ଐତିହାସିକ ନିଷ୍ପତ୍ତି ଥିଲା, କାରଣ ଖଣିଜ ଅଧିକାର ଏବଂ ଖଣିଜ ଯୁକ୍ତ ଜମି ଉପରେ ସେସ୍ ଆଦାୟ କରିବା ପାଇଁ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକର ଏକ ଦୀର୍ଘ ଦିନର ଦାବି ରହିଥିଲା। ଏହି ରାୟ 'ଇଣ୍ଡିଆନ୍ ସିମେଣ୍ଟ ବନାମ ତାମିଲନାଡୁ ରାଜ୍ୟ' ମାମଲାରୁ ସୃଷ୍ଟି ହୋଇଥିବା ଏବଂ ଗତ ୩୫ ବର୍ଷ ଧରି ପ୍ରଚଳିତ ଥିବା ସେହି ସ୍ଥାପିତ ଧାରଣାକୁ ବଦଳାଇ ଦେଇଛି, ଯେଉଁଥିରେ କୁହାଯାଇଥିଲା ଯେ 'ରୟାଲଟି ହେଉଛି ଏକ ଟ୍ୟାକ୍ସ'। ତତ୍କାଳୀନ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଲିଖିତ ଏହି ରାୟରେ ସପ୍ତମ ଅନୁସୂଚୀ ଅନ୍ତର୍ଗତ ରାଜ୍ୟଗୁଡ଼ିକର ଆଇନଗତ କ୍ଷମତାକୁ ସ୍ୱୀକୃତି ଦେବା ସହିତ, ରୟାଲଟି ଏବଂ ଟ୍ୟାକ୍ସ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟକୁ ବହୁତ ଭଲ ଭାବରେ ସ୍ପଷ୍ଟ କରାଯାଇଥିଲା।

ଖଣିଜ ପଦାର୍ଥ, ଖଣିଜ ଯୁକ୍ତ ଜମି ଏବଂ ଖଣିଜ କାର୍ଯ୍ୟକଳାପ ଉପରେ ରାଜ୍ୟଗୁଡ଼ିକର ଆଇନଗତ କ୍ଷମତାର ପ୍ରସଙ୍ଗ ତାମିଲନାଡୁ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାର ଭଳି ଅନେକ ରାଜ୍ୟ ଦ୍ୱାରା ବିଭିନ୍ନ ରାଜ୍ୟର ହାଇକୋର୍ଟ, ସର୍ବୋଚ୍ଚ ନ୍ୟାୟାଳୟ, ଆନ୍ତଃ-ରାଜ୍ୟ ସମ୍ପର୍କ ଓ ଖଣି ଉପରେ ଗଠିତ କମିଶନ, ଜଷ୍ଟିସ୍ ସରକାରିଆ କମିଶନ (୧୯୮୩) ଏବଂ ଅନୱର ହୁଦା କମିଟି (୨୦୦୬) ଏବଂ ଶେଷରେ ସଂସଦରେ ମଧ୍ୟ ଅନେକ ଥର ଉଠାଯାଇଛି; କିନ୍ତୁ ବେସରକାରୀ ଖଣି ଲବି ଏବଂ କେନ୍ଦ୍ର ସରକାରଙ୍କ ମାଲିକାନାରେ ଥିବା ପିଏସୟୁ ଗୁଡ଼ିକର ଚାପ ଯୋଗୁଁ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରାଯାଇ ଆସିଛି।

ଜମି ଏକ ରାଜ୍ୟ ଅଧୀନସ୍ଥ ବିଷୟ ହୋଇଥିବା ବେଳେ, ଏମଏମଡିଆର ଆକ୍ଟ ୧୯୫୭ର ଆଳ ଦେଖାଇ ଖଣିଜ ଏବଂ ଖଣିଜ ଯୁକ୍ତ ଜମିକୁ ଛଡ଼ାଇ ନିଆଯାଉଛି ଏବଂ ରାଜ୍ୟ ପାଇଁ ରୟାଲଟିକୁ ହିଁ ଏକମାତ୍ର ବିକଳ୍ପ ଭାବେ ସୀମିତ କରିଦିଆଯାଉଛି। କେନ୍ଦ୍ର ଦ୍ୱାରା ରୟାଲଟି ମଧ୍ୟ ଅନିୟମିତ ଭାବେ ସ୍ଥିର କରାଯାଉଛି, ଯାହା ରାଜ୍ୟଗୁଡ଼ିକୁ ଖଣିଜ କାର୍ଯ୍ୟକଳାପରୁ ସେମାନଙ୍କର ପ୍ରାପ୍ୟ ଅଂଶରୁ ବଞ୍ଚିତ କରୁଛି। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ ଭଳି ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକ ମୁଖ୍ୟତଃ ଭାରତର ଗରିବ ରାଜ୍ୟ ଅଟନ୍ତି, ଯେଉଁମାନେ କ୍ରମବର୍ଦ୍ଧିଷ୍ଣୁ ବିକାଶମୂଳକ ଆହ୍ୱାନଗୁଡ଼ିକୁ ପୂରଣ କରିବା ପାଇଁ ରାଜସ୍ୱ ନିଅଣ୍ଟ ସହ ସଂଘର୍ଷ କରୁଛନ୍ତି ଏବଂ ଏହି ରାଜ୍ୟଗୁଡ଼ିକରେ ଅଧିକାଂଶ ଭାବେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆ ବର୍ଗ ଭଳି ପଛୁଆ ସାମାଜିକ ଗୋଷ୍ଠୀର ଲୋକମାନେ ବସବାସ କରନ୍ତି। ଏହି ରାଜ୍ୟଗୁଡ଼ିକରୁ ହିଁ ଦେଶର ସବୁଠାରୁ ଅଧିକ ସଂଖ୍ୟକ ଦାଦନ ଶ୍ରମିକ ବାହାରକୁ ଯାଇଥାନ୍ତି।

ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟ ସମସ୍ୟା ବ୍ୟତୀତ, ଖଣିଜ କାର୍ଯ୍ୟକଳାପ ଯୋଗୁଁ କୃଷି ଏବଂ ଜଙ୍ଗଲ ଭିତ୍ତିକ ଜୀବିକା ହରାଇବା ଭଳି ସମସ୍ୟା ଦ୍ୱାରା ଏହି ଖଣିଜ ଗର୍ଭିତ ଅଞ୍ଚଳଗୁଡ଼ିକ ବହୁତ ଖରାପ ଭାବେ ପ୍ରଭାବିତ ହେଉଛନ୍ତି। ଓଡ଼ିଶା ଏକ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟ ଭାବରେ, ଖଣି ଏବଂ ଖଣିଜ ଭିତ୍ତିକ ଶିଳ୍ପଗୁଡ଼ିକର ସମସ୍ତ ପ୍ରତିକୂଳ ପ୍ରଭାବ ସହୁଥିବା ବେଳେ ଜାତୀୟ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସୁଛି, କିନ୍ତୁ ଏହାର ବଦଳରେ ପରିବେଶ ସୁରକ୍ଷା ଏବଂ ସାମାଜିକ ବିକାଶ ପାଇଁ ମଧ୍ୟ ସେସ୍ ଲଗାଇବାର କୌଣସି କ୍ଷମତା ଏହା ପାଖରେ ନାହିଁ। ଜନସାଧାରଣଙ୍କ ପାଣ୍ଠିରୁ ନିର୍ମିତ ସମସ୍ତ ପ୍ରକାରର ସର୍ବସାଧାରଣ ଭିତ୍ତିଭୂମି ଯେପରିକି ରାସ୍ତା, ରେଳଲାଇନ, ସମୁଦ୍ର ବନ୍ଦର, ବିଦ୍ୟୁତ, ଜଳ ଏବଂ ଆଇନ ଶୃଙ୍ଖଳା ରକ୍ଷା ଭଳି ସରକାରୀ ସେବାର ମୁଖ୍ୟ ହିତାଧିକାରୀ ହେଉଛନ୍ତି ଖଣି କମ୍ପାନୀଗୁଡ଼ିକ। ଓଡ଼ିଶାର କୋଇଲା ଏବଂ ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଅନେକ ରାଜ୍ୟ ପାଇଁ ଶକ୍ତିର ମୁଖ୍ୟ ଉତ୍ସ ସାଜିଛି ଏବଂ ଏହାର ରଣନୀତିକ ଖଣିଜ ସମ୍ପଦ ଜାତୀୟ ପ୍ରଗତି ପାଇଁ ବ୍ୟବହୃତ ହେବା ସହ ଦୀର୍ଘ ଦିନ ଧରି ବଡ ବଡ ବେସରକାରୀ କମ୍ପାନୀଗୁଡ଼ିକୁ ବ୍ୟାପକ ଭାବେ ଲାଭାନ୍ୱିତ କରିଆସୁଛି। ସମ୍ବିଧାନ ଅଧୀନରେ ନିଜର ଅଧିକାରକୁ ସୁରକ୍ଷିତ କରିବା ପାଇଁ ସମସ୍ତ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକ ଏକାଠି ହେବା ଆବଶ୍ୟକ।

ଓଡିଶାର ବିକାଶ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭବ ପଡିବ, କାରଣ ଓଡିଶା ନିଜସ୍ୱ ସୂତ୍ରରୁ ଆଦାୟ କରୁଥିବା ଟିକସର ସିଂହଭାଗ କେବଳ ଖଣି ଏବଂ ଖଣିଜ ଦ୍ରବ୍ୟ ଉପରେ ଟିକସ ତଥା ସେସରୁ ମିଳିଥାଏ। କିନ୍ତୁ, ଏହି ଅଧିନିୟମ ଫଳରେ ରାଜ୍ୟ ବର୍ଷକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବା ସହିତ ନୂତନ ପାଣ୍ଠି ଯୋଗାଡ କରିବାରେ ଏହା ଅସୁବିଧାର ସମ୍ମୁଖୀନ ହେବ। ତେଣୁ, ଅନେକ କଲ୍ୟାଣକାରୀ ଯୋଜନା ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ କେନ୍ଦ୍ର ସରକାରର କ୍ଷତି ପୂରଣ ଓ ରୟାଲଟି ବାବଦରେ ଅନୁଦାନ ଉପରେ ନିର୍ଭର ହେବାକୁ ପଡିବ, ଯାହା ଅତ୍ୟନ୍ତ ସ୍ୱଳ୍ପ। ତେଣୁ, ଏହି ସଂଶୋଧିତ ବିଲରେ ଖଣିଜ ସମ୍ପନ୍ନ ରାଜ୍ୟର ଅଧିକାରକୁ ସୁରକ୍ଷିତ କରିବା ପାଇଁ ଧ୍ୟାନ ଦେବା ଆବଶ୍ୟକ। ଓଡିଶାରେ ଡବଲ ଇଞ୍ଜିନ ସରକାର ଏ ବିଷୟରେ ମୁହଁ ଖୋଲୁ ନାହାନ୍ତି, ରାଜ୍ୟରେ ଥିବା ଶାସକ ଦଳର କୋଡିଏ ଜଣ ସାଂସଦ ନା ଲୋକସଭା ନା ରାଜ୍ୟ ସଭାରେ ମୁହଁ ଫିଟାଇଲେ।

ଯେତେବେଳେ, ରାଜ୍ୟର ଟିକସ ଅଧିକାର ଉପରେ କେନ୍ଦ୍ର କୌଣସି ଆଇନ ପ୍ରଣୟନ କରିବ, ତାହା ରାଜ୍ୟସରକାରଙ୍କ ସହିତ ପୂର୍ବ ଆଲୋଚନା ସହିତ ହେବା ଉଚିତ। କିନ୍ତୁ, ଏହି ଆଇନକୁ କେବଳ ଖଣି କମ୍ପାନୀମାନଙ୍କୁ ସୁରକ୍ଷା ପ୍ରଦାନ ଦେବା ପାଇଁ ତରବାରିଆ ଭାବେ କୌଣସି ବିଚାର ବିମର୍ଶ ନ କରି ଏକ ପାଖିଆ ଭାବେ ପାରିତ କରି ଦିଆଗଲା। ତେଣୁ, ରାଜ୍ୟ ସରକାର ଏହି କ୍ଷତିକୁ ଭରଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିବା ଉଚିତ। ଏହି କ୍ଷତି କୌଣସି ଦଳର ନୁହେଁ, ଏହା ରାଜ୍ୟର କ୍ଷତି। ଓଡିଶା ଲୋକସଭାକୁ ପଠେଇଥିବା ଜନପ୍ରତିନିଧିଙ୍କ ଭୂମିକା ଉପରେ ଏହି ଅଧିନିୟମ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ସ୍ୱାର୍ଥ, ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହିବା ବାଞ୍ଛନୀୟ।

ବିଧାୟକ, ଆଠଗଡ

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି

**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ବିଶେଷ ଓ ବ୍ୟାପକ ଗୁରୁତ୍ୱ ଦେଇଛି। ପର୍ଯ୍ୟାପ୍ତ ବଜେଟ ସହିତ ଅନେକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୈତିକ ମୂଲ୍ୟବୋଧ ନିମିତ୍ତ ଆଦର୍ଶ ଆଚରଣ ବିଧି ବ୍ୟବସ୍ଥା ସମ୍ପର୍କରେଯୋଜନା ହୋଇଛି। ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ମହାନ ଗୁରୁ-ଶିଷ୍ୟ, ଶିକ୍ଷକ ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଓ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଓ ଶିକ୍ଷାନୁଷ୍ଠାନ ପରିସରରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ପାଇଁ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପାଇଁ ଏହା ଲାଗିବ। ଆଦର୍ଶ ଆଚରଣ ବିଧିକୁ କ୍ୟାମ୍ପସରେ କଡ଼ାକଡ଼ି ପାଳନ, ଶିକ୍ଷାନୁଷ୍ଠାନ ପୁସ୍ତିକା, ନାମ ଲେଖା କିଟ, ଛାତ୍ରଛାତ୍ରୀ ହ୍ୟାଣ୍ଡବୁକ ଓ ଅଫିସିଆଲ ୱେବସାଇଟରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହି ଆଚରଣ ବିଧିକୁ ସାମିଲ କରିବେ। ଏହାକୁ ଅତ୍ୟନ୍ତ ନିଷ୍ଠାପର, ଯୋଜନାବଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଲାଗୁ କରିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶିତ କରାଯାଇଛି।

ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି। ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି। ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିତ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ୍ତ କାରଣ ଦର୍ଶାଇବେ। ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି। ବାସ୍ତବରେ ଅନେକ ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମୟ ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ହିଁ ଅକାରଣରେ ନଷ୍ଟ ହୋଇଯାଏ। ସେହିପରି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକାଳପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ ତେବେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦିଆଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିପରି ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ନଷ୍ଟ କରିଥିବା ପିଲାମାନଙ୍କ ଠାରୁ କ୍ଷତି ପୂରଣ ଆଦାୟ କରାଯିବ। କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ନିୟମିତ ଭାବେ ବିଶୃଙ୍ଖଳା, କ୍ୟାମ୍ପସରେ ଶାନ୍ତି ବ୍ୟାହାତ କଲେ ବିଦ୍ୟାର୍ଥୀଙ୍କୁ ସାମହିକ ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାମ୍ପସ ପରିସରରେ ଅଶୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡ଼ନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରସୟ ଦିଆଯିବ ନାହିଁ। ଏଭଳି କୌଣସି ଘଟଣା ଘଟିଲେ ପ୍ରାଥମିକ ଭାବରେ ଏହା ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନଜରକୁ ଅଣାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସେମାନଙ୍କ ଶିକ୍ଷା ବର୍ଷଟି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସ୍ମରଣୀୟ ଓ ଶିକ୍ଷଣୀୟ। ଶିକ୍ଷାବର୍ଷ ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରୟ ଆୟୋଜିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆଚରଣ, ଶିଷ୍ଟାଚାର ଓ କଣ କରିବେ ଓ ନକରିବେ ସେ ସମ୍ପର୍କରେ ସଚେତନ ହେବେ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ। ଗୋଷ୍ଠୀ ବିବାଦ, ଅନ୍ୟକୁ ଚିଡ଼ାଇବା, ର୍‌ୟାଗିଂ ଭଳି କାର୍ଯ୍ୟକ୍ରମ ଉପରେ କଠୋର କଟକଣା ଲାଗିଛି। ଛାତ୍ରାବାସ ଅଧୀକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ। ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ବାଧ୍ୟତାମୂଳକ। ଅଧ୍ୟାପକ, ଆଧାପିକା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ। ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଅସାମାଜିକ କାର୍ଯ୍ୟ ନେଇ ଅଭିଯୋଗ ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଶିକ୍ଷା ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ନିମିତ୍ତ ପ୍ରତି କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ବିବାଦ ସମାଧାନ କମିଟି ରହିବ। ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ରହିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ଛାତ୍ର ବା ଗୋଷ୍ଠୀଙ୍କ ପ୍ରତି ଏକ ପାକ୍ଷିଆ ନିଷ୍ପତ୍ତି ନେବା ଅନୁଚିତ। ପରୀକ୍ଷା ଭୟ ଆଳ ଦେଖାଇ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରିପାରିବେ ନାହିଁ, ସେମାନଙ୍କ ଆଚରଣ ସନ୍ଦେହର ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ। ଯଦି କୌଣସି ବିଦ୍ୟାର୍ଥୀ ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୁଦ୍ଧରେ ଅଭିଯୋଗ ରଖନ୍ତି ତେବେ ତୁରନ୍ତ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ଏଥିପାଇଁ ଏକାଡ଼େମିକ ଛୁଟି ନେବେ ତାହା ସହିତ ନିୟମିତ୍ତ ସମୟାନୁବର୍ତ୍ତୀ ରହିବେ। ଯଦି କୌଣସି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା ମେଳି ଦେଖାଦିଏ ତେବେ ସେମାନେ ଅଧ୍ୟକ୍ଷଙ୍କୁ ଅବଗତ କରାଇବେ। କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ନିମିତ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ, ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ପ୍ରାଥମିକତା ଦେବେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଓ କ୍ୟାମ୍ପସର ପ୍ରତିଟି ଘଟଣା ଉପରେ ତୀକ୍ଷଣ ନଜର ରଖିବେ। ଆଇସିର ମାର୍ଗଦର୍ଶିକାକୁ କଡ଼ା କଡ଼ି ପାଳନ, ଗୋଷ୍ଠୀ ବିବାଦକୁ କ୍ୟାମ୍ପସରେ ସମାଧାନ, ଅସାମାଜିକ ବ୍ୟକ୍ତିଙ୍କ ଅନଧିକୃତ ପ୍ରବେଶ ଉପରେ କଟକଣା, ହଷ୍ଟେଲରେ ରାତ୍ରୀକାଳୀନ ଯାଞ୍ଚ, ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ମନା, ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଅଭିଭାବକଙ୍କୁ ମୋବାଇଲ ମାଧ୍ୟମରେ ଅବଗତ କରାଇବା ଏବଂ କ୍ୟାମ୍ପସ ପରିସରର ଚର୍ତୁଦିଗରେ ଚବିଶି ଘଣ୍ଟିଆ ସିସିଟିଭି ଉପରେ ନଜର ରଖିବେ। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ସଭା କିମ୍ବା ସମାବେଶ କରାଯାଇପାରିବ ନାହିଁ। ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରତି ମାସରେ ଅତିକମରେ ଥରେ ବିଭିନ୍ନ ବିଭାଗ ପରିଦର୍ଶନ କରି ପାଠ୍ୟ ଯୋଜନା ଓ ରେଜିଷ୍ଟର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଛାତ୍ରବୃତ୍ତି, ଶିକ୍ଷା, ପ୍ରୋତ୍ସାହନ ପାଇଁ ଯୁବ ଓ ଦକ୍ଷ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ୟକ୍ତିନିଷ୍ଠ ଉଦ୍ୟମ ପ୍ରଶଂସନୀୟ। ସର୍ବଭାରତୀୟ ସ୍ତରରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ ଅନେକ ମେଧାବୀଙ୍କୁ ସୃଷ୍ଟି କରିଛି। ଯେଉଁମାନେ ଆଜି ଦେଶ ବିଦେଶରେ ନିଜ ନିଜ କ୍ଷେତ୍ରରେ ବେଶ ପ୍ରତିଷ୍ଠିତ ଓ ଓଡ଼ିଶାର ଉଚ୍ଚଶିକ୍ଷାର ଗର୍ବ ଓ ଗୌରବକୁ ବୃଦ୍ଧି କରିଛନ୍ତି।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ବଜ୍ର ପରି କବାଟ ଲାଗିଥିଲା ତେଣୁ ବଜ୍ରକବାଟୀ

**ବିକ୍ରମ ମହାପାତ୍ର**

ଜାର ବର୍ଷର ସହର, ଇଏ ହେଉଛି କଟକ। ଜଣେ ଯଦି କଟକର ରାସ୍ତା ଦିଗ ଦେଖିବ ପ୍ରାୟତଃ ଏହା ପୂର୍ବରୁ ପଶ୍ଚିମ ମୁହାଁ ହୋଇଛି। ଆଜିର ଯେଉଁ 'ବଜ୍ରକବାଟୀ' ସମ୍ପର୍କରେ ଆଲୋଚନା ହେଉଛି ତାହା ବାସ୍ତବରେ ଏକ ନଦୀ ବନ୍ଧ ବ୍ୟବସ୍ଥା। ସହର ଭିତରକୁ ବନ୍ୟା ଜଳ ଯେପରି ପ୍ରବେଶ ନକରିବ ସେଇଥିପାଇଁ ଏ ବଜ୍ରକବାଟୀରେ ହିଁ ପଥରୋଧର ବ୍ୟବସ୍ଥା ହୋଇଥିଲା। ୧୯୫୭ ଖ୍ରୀଷ୍ଟାବ୍ଦରେ 'ସିଭିକ ସର୍ଭେ ଅଫ କଟକ' ପୃଷ୍ଠା- ୨୨ରେ ତଥ୍ୟ ଉଲ୍ଲେଖିତ ରହିଛି। କେହି କେହି ଆଲୋଚନା ରଖନ୍ତି ଯେ 'ବଜ୍ର ନାମକ ଜନୈକ ବ୍ୟକ୍ତି ଏହି ବନ୍ଧ ଓ କବାଟ ଖୋଲିବା ଦାୟିତ୍ୱରେ ଥିବା ହେତୁ ଏହାର ନାମ ବଜ୍ରକବାଟୀ'।

ସହରର ପ୍ରମୁଖ ଛକ ବଜ୍ରକବାଟୀ। ଦୋଳମୁଣ୍ଡାଇ ଠାରୁ ରାଣୀହାଟ ପର୍ଯ୍ୟନ୍ତ ଅଞ୍ଚଳକୁ ବଜ୍ରକବାଟୀ ରୋଡ଼ କୁହାଯାଉଛି। ଏହି ଅଞ୍ଚଳରେ ସହରରେ କିଛି ଗୁରୁତ୍ୱପୂର୍ଣ୍ଣ ବ୍ୟାବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ରହିଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି। ସବୁବେଳେ ଏହି ଅଞ୍ଚଳ ଜନାକୀର୍ଣ୍ଣ ରହୁଛି। ଏହା ବ୍ୟତୀତ ଏହାକୁ ଲାଗି ରହିଛି ଏକ ଦୀର୍ଘ କେନାଲ ରୋଡ଼। ରୋଡ଼ର ଗୋଟେ ପାଖରେ ମାଳି ସାହି ଓ ଅନ୍ୟ ପାର୍ଶ୍ୱରେ ରହିଛି ସାଆନ୍ତ ସାହି। ବଜ୍ରକବାଟୀ ପୋଲ ଏହାର ସୀମାରେଖା ହୋଇ ରହିଛି। ବଜ୍ରକବାଟୀ ନାଁ ଆଜି ନୁହେଁ ବହୁ ପୁରାକାଳରୁ ରହିଛି। ତେବେ ଏହାର ଏପରି ନାମକରଣ ପଛରେ ରହିଛି କିଛି ଲୋକ କଥା ଓ କିମ୍ବଦନ୍ତୀ। କୁହାଯାଏ ସେତେବେଳେ କଟକ ସହର ଏତେ ବିସ୍ତୃତ ନଥିଲା। ଏବେ କାର ବାଦାମବାଡ଼ି, ହରିପୁର ରୋଡ଼ ଜନାକୀର୍ଣ୍ଣ ନଥିଲା। କାଁ ଭାଁ ଚା ଜଳଖିଆ ଦୋକାନ ଗୋଟେ ଦୁଇଟା ଥିଲା। ରିଂବନ୍ଧ ନଥିବାରୁ କାଠଯୋଡ଼ି ପାଣି ସହର ଭିତରକୁ ପଶୁଥିଲା। ଫଳରେ ପ୍ରତିବର୍ଷ ସହରର ବନ୍ୟା ହେଉଥିଲା। ଏହାକୁ ରୋକିବା ଦିଗରେ କିଛି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା। ଏଠାରେ ରହିଥିବା ଏକ ନାଳ ବାଟ ଦେଇ ପାଣି ସହର ଭିତରକୁ ପଶୁଥିଲା। ତେଣୁ ବନ୍ୟାକୁ ରୋକିବା ପାଇଁ ଏବେ କାର ବଜ୍ରକବାଟୀ ପୋଲ ନିକଟରେ ଲୁହାରେ ତିଆରି ଏକ ଶକ୍ତ କବାଟ ଲାଗିଥିଲା। ସେତେବେଳେ ଏହା ବନ୍ୟାଜଳକୁ ପ୍ରତିରୋଧ କରୁଥିଲା। ସେହି କବାଟ ଦୀର୍ଘଦିନ ଧରି ଲାଗିଥିଲା। ତେବେ ଏହାକୁ କେବେ ଅପସାରଣ କରାଗଲା ତାହା ଜଣାପଡ଼େ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ସଂଜୟ ପ୍ରସାଦ ସାମନ୍ତରାୟ କହନ୍ତି।

ତେବେ ଏହି ଅଞ୍ଚଳର କିଛି ପୁରୁଖା ଲୋକ କବାଟ ଦେଇଥିବା କଥା ସେ କହନ୍ତି। ବଜ୍ରଭଳି ଥିବା ଏକ ଶକ୍ତ କବାଟକୁ ଲୋକେ ବଜ୍ରକବାଟ ବୋଲି କହିବାକୁ ଲାଗିଲେ। ପରବର୍ତ୍ତୀ କାଳରେ ବଜ୍ରକବାଟୀ ବୋଲି କୁହାଗଲା। କିଛି ଲୋକ ଏହାକୁ କାଣ୍ଡନାଳ ବୋଲି କହୁଥିଲେ। ସେତେବେଳେ ଏଠାରେ ଏତେ ଜନବସତି ନଥିଲା। କେବଳ ସାଆନ୍ତ ସାହି ଓ ମାଳି ସାହି ଲୋକେ ଏହି ଅଞ୍ଚଳରେ ରହୁଥିଲେ। ଏହା ଏକ ଖାଲୁଆ ଜାଗା ଓ ନାଳ ଥିବାରୁ ଏ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଲୋକେ ସଂଜ ହେଲେ ଏହି ବାଟ ଦେଇ ଯାତାୟାତ କରିବାକୁ ଭୟ କରୁଥିଲେ। ମାତ୍ର ଏହି ସ୍ଥାନକୁ ଏବେ ସହରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି ବିବେଚନା କରାଯାଉଛି। ଏଠାରେ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ, ବିଏସଏନଏଲ କଷ୍ଟମର ସର୍ଭିସ ସେଣ୍ଟର, ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟାବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଓ ନର୍ସିଂହୋମ ରହିଥିବାରୁ ଅଞ୍ଚଳର ଗୁରୁତ୍ୱ ବୃଦ୍ଧି ପାଇଛି। ଏଠାରେ ଥିବା ମୁଖ୍ୟ ନାଳ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବଜ୍ରକବାଟୀ ନାଁରେ କରାଯାଇଥିବା ବଜ୍ରକବାଟୀ ରୋଡ଼ ଦିନକୁ ଦିନ ସଂକୀର୍ଣ୍ଣ ହେବାରେ ଲାଗିଛି। ସାଧାରଣତଃ ଏହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ଅଧିକ ଦେଖାଦେଇଥାଏ। କିଛି ବଡ଼ ବଡ଼ ପ୍ରତିଷ୍ଠାନ ଗ୍ରାହକ ମାନଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ଜୋନ ରଖୁନଥିବାରୁ ଲୋକେ ରାସ୍ତାକଡ଼ରେ ଗାଡ଼ି ରଖନ୍ତି ଟ୍ରାଫିକ ବିପର୍ଯ୍ୟୟ ହୋଇଯାଏ।

ଆଜିର ସମୟକୁ ଦେଖିଲେ ବଜ୍ରକବାଟୀର ଢ଼େର ଗୁରୁତ୍ୱ ବଢ଼ିଛି। ଏହା ଏକ ଚାରିଛକ ଭାବେ ବୁଝାଉଛି। ବାଦାମବାଡ଼ିରୁ ଗୋଟିଏ ପଟ, ଛତ୍ରବଜାରରୁ ଗୋଟିଏ ପଟ, ହରିପୁର ରୋଡ଼ରୁ ଗୋଟିଏ ପଟ ଏବଂ ରାଣୀ ହାଟକୁ ଛୁଇଁଥିବା ଗୋଟିଏ ପଟ ଏହିପରି ଭାବରେ ବଜ୍ରକବାଟୀ ଆଜି ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ମାନ୍ୟତା ପାଇଛି। ଦିନକୁ ଦିନ ବଜ୍ରକବାଟୀର କାୟା ବିସ୍ତାର ହେଉଛି ଏବଂ ବଜ୍ରକବାଟୀ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଜଡ଼ିତ ରହୁଛି।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

ପ୍ରତିଶବ୍ଦ TV

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୨, ୨୦୨୬

# ନୂଆ ପାଠ୍ୟପୁସ୍ତକରେ ତ୍ରୁଟିର ଉତ୍ତର ଦାୟିତ୍ୱ ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅନଶନରେ ବସିଲେ ଏମ.ଡ଼ି ମନଓ୍ୱର ଅଲ୍ଲୀ




ଭୁବନେଶ୍ୱର,୨୧/୮ :ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅ, ନୂଆ ପାଠ୍ୟ ପୁସ୍ତକରେ ଭୁଲ୍ ବହି ସଂଶୋଧନ କରି ତୁରନ୍ତ ନୂଆ ବହି ଦିଅ, ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦିଅ, ଶିକ୍ଷା ପରେ ନିଯୁକ୍ତିର ଗ୍ୟାରେଣ୍ଟି ଦିଅ, ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ଯୁବପିଢ଼ୀଙ୍କୁ ନିଯୁକ୍ତି ଦିଅ, ନୂତନ ପାଠ୍ୟପୁସ୍ତକ ମୁଦ୍ରଣରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଫେରସ୍ତ କରନ୍ତୁ ଇତ୍ୟାଦି ଦାବୀରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନଓ୍ୱର ଅଲ୍ଲୀ ଆଜି ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର ପିଏମଜିରେ ଅନଶନ ଓ ସତ୍ୟାଗ୍ରହରେ ବସିଛନ୍ତି। ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅନଶନ ସ୍ଥଳରେ ପହଞ୍ଚି ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ପ୍ରେସ୍ ବିବୃତ୍ତିରେ କହିଲେ ଯେ, ପାଠ୍ୟପୁସ୍ତକ କେବଳ କାଗଜରେ ଛପା ତଥ୍ୟର ସମାହାର ନୁହେଁ, ଏହା ଏକ ପିଢ଼ିର ଚେତନା ଗଢ଼ିବାର ଉପକରଣ। ତେଣୁ ଏଥିରେ ଥିବା ପ୍ରତ୍ୟେକ ତଥ୍ୟ ଯାଞ୍ଚ, ନିରପେକ୍ଷ, ବୈଜ୍ଞାନିକ ଓ ଐତିହାସିକ ଭାବେ ପ୍ରମାଣିତ ହେବା ଦରକାର। ଯଦି ଜଣେ ଛାତ୍ର ନିଜ ପାଠ୍ୟପୁସ୍ତକରେ ଭୁଲ ତଥ୍ୟ ପଢେ, ତେବେ ସେହି ଭୁଲ ଜ୍ଞାନର ଦାୟିତ୍ୱ କିଏ ନେବ

ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଶିକ୍ଷକ, ବିଷୟ ବିଶେଷଜ୍ଞ, ଭାଷାବିତ୍, ଇତିହାସବିତ୍ ଓ ଗବେଷକମାନଙ୍କର ସ୍ୱାଧୀନ ମତକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ନୂତନ ପାଠ୍ୟ ପୁସ୍ତକରେ ସମସ୍ତ ତ୍ରୁଟିକୁ ଗଣଶିକ୍ଷା ବିଭାଗ ତୁରନ୍ତ ସାର୍ବଜନୀନ ଭାବେ ଚିହ୍ନଟ ଓ ସଂଶୋଧନ କରି ଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ନୂତନ ପୁସ୍ତକ ପ୍ରଦାନ କରନ୍ତୁ। ଭୁଲ ପାଠ୍ୟପୁସ୍ତକ ଦ୍ୱାରା ଭବିଷ୍ୟତ ପିଢୀକୁ ଭୁଲ ଜ୍ଞାନ ଦେବା ଅପରାଧ ସଙ୍ଗେ ସମାନ।

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯଦି ନିଜ ବିଭାଗକୁ ଠିକ୍ ଭାବେ ପରିଚାଳନା କରିପାରୁନାହାଁନ୍ତି ତେବେ, ମନ୍ତ୍ରୀ ନିଜେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦିଅନ୍ତୁ ନଚେତ୍ ମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ବରଖାସ୍ତ କରନ୍ତୁ ବୋଲି ଶ୍ରୀ କୁମାର କହିଥିଲେ। ସିପିଆଇ(ଏମଏଲ୍) ଲିବରେସନର ସାଧାରଣ ସଂପାଦକ ଯୁଝିଷ୍ଠିର ମହାପାତ୍ର ଅନଶନ ସ୍ଥଳରେ ପହଞ୍ଚି ଯୁବଛାତ୍ର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଦୁର୍ନୀତିକୁ କେବେ ବି ବରଦାସ୍ତ କରାଯିବନି ଏବଂ ନବନିର୍ମାଣ ଯୁବଛାତ୍ର ସଂଗଠନର ଅଂହିସକ ଶାନ୍ତିପୂର୍ଣ୍ଣ ଲଢେଇକୁ ସିପିଆଇ(ଏମଏଲ) ଲିବରେସନର ପୂରା ସମର୍ଥନ ରହିଛି ବୋଲି କହିଥିଲେ। ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନଓ୍ୱର ଅଲ୍ଲୀ କହିଥିଲେ ଯେ, ଆଜି ମୁଁ ଅନଶନ ଓ ସତ୍ୟାଗ୍ରହରେ ବସିଛି କେବଳ ଗୋଟିଏ ପାଠ୍ୟପୁସ୍ତକର କିଛି ତ୍ରୁଟିକୁ ନେଇ ନୁହେଁ; ଏହା ଆମ ଶିକ୍ଷା ବ୍ୟବସ୍ଥାର ଉତ୍ତରଦାୟିତ୍ୱ, ପାରଦର୍ଶିତା ଭବିଷ୍ୟତ ପିଢୀର ଅଧିକାରର ପ୍ରଶ୍ନ। ଭୁଲ୍ ବହି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଚିନ୍ତନଶକ୍ତି ଉପରେ ପ୍ରଭାବ ପକାଇଥାଏ। ଶିକ୍ଷା କ୍ଷେତ୍ରରେ ଅବହେଳା କିମ୍ବା ଦାୟିତ୍ୱହୀନତାକୁ ଆମେ ନିରବ ଭାବେ ଗ୍ରହଣ କରିପାରିବୁ ନାହିଁ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଏକ ଅହିଂସାତ୍ମକ ସଂଗ୍ରାମ। ମୁଁ ସରକାରଙ୍କୁ ଅନୁରୋଧ କରୁଛି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ, ନଚେତ୍ ମୁଖ୍ୟମନ୍ତ୍ରୀ ମଣ୍ଡଳରୁ ତାଙ୍କୁ ବରଖାସ୍ତ କରି ସମାଧାନର ପଥ ଖୋଲନ୍ତୁ। ଯେପର୍ଯ୍ୟନ୍ତ ସରକାର ଆମ ଦାବୀ ଗ୍ରହଣ କରିନାହାଁନ୍ତି, ସେପର୍ଯ୍ୟନ୍ତ ଆମର ସ୍ୱର ଗଣତାନ୍ତ୍ରିକ ଓ ଅହିଂସା ପଦ୍ଧତିରେ ଜାରି ରହିବ।

ଆଜିର ଅନଶନରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣୀ, ରଶ୍ମି ରଂଜନ ସ୍ୱାଇଁ, ମଧୁମିତା ସାମଲ, ବାଲେଶ୍ୱର ସଭାପତି ରଣଜିତ୍ ପଟ୍ଟନାୟକ, ଭାବଗ୍ରାହୀ ମଲ୍ଲିକ, ଏମ.ଡ଼ି ମନୁ, ଭୁବନେଶ୍ୱର ସଭାପତି ଅମିତ ଜେନା, ଭଦ୍ରକ ସଭାପତି ଜାହିର ଖାନ, ଗଣେଷ ବେହେରା, ଏସ. କେ ହେଦାଇ, ଜଦୁମଣୀ, ଅକ୍ଷୟ ଜେନା, ଜୟନ୍ତ ଗୋସ୍ୱାମୀ, ଜୟନ୍ତୀ ଜେନା, ନିଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ ପାଳିତ



ଭୁବନେଶ୍ୱର,୨୧/୮ : ରାଜ୍ୟ ଆଇଏନଟିୟୁସି କାର୍ଯ୍ୟାଳୟ ପରସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ୮୨ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜୀବ ଗାନ୍ଧୀଙ୍କର ଦୃଷ୍ଟିକୋଣ, ଆଧୁନିକା ଭାରତ ଏବଂ ଦେଶ ଗଠନରେ ତାଙ୍କର ଅବଦାନ ସମ୍ପର୍କରେ ଏକ ଆଲୋଚନା ଚକ୍ର ହୋଇଥିଲା। ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ସାର୍ଟିଫିକେଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର କୃତୀତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କମ୍ପ୍ୟୁଟର ପ୍ରଭୃତି ଆଜି ଯେଉଁଭଳି ଭାବରେ ଦେଶରେ ପ୍ରଚଳନ ହେଉଛି ତାହାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କର। ଦୂରସଂଚାରର ଆଧୁନିକ କରଣ ଏବଂ ଆର୍ଥିକ ଉଦାରିକରଣ କ୍ଷେତ୍ରରେ ତାଙ୍କର ଭୂମିକା ଅବିସ୍ମରଣୀୟ। ଭୋଟ ଦେବାର ବୟସ ୧୮ ବର୍ଷ କରି ସେ ଏ ଦେଶରୁ ଯୁବକ ଓ ଛାତ୍ର ମାନଙ୍କୁ ଦେଶ ଗଠନ କ୍ଷେତ୍ରରେ କାର୍ଯ୍ୟକରିବାର ସୁଯୋଗ ଦେବା ସହ ସେମାନଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ତାଙ୍କର ମତ ସାବସ୍ତ୍ୟ କରିବାପାଇଁ ଅଧିକାର ପ୍ରଦାନ କରିଥିଲେ। ପଞ୍ଚାୟତୀ ରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଏଥିରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ନିମନ୍ତେ ତାଙ୍କର ଭୂମିକା କେହି ଭୁଲିପାରିବେ ନାହିଁ। ଜାତୀୟ ଶିକ୍ଷାନୀତି – ୧୯୮୬, ନବୋଦ୍ୱୟ ବିଦ୍ୟାଳୟ, ଦଳବଦଳ ବିରୋଧି ଆଇନ, ଗଙ୍ଗା ଆକ୍ସନ ପ୍ଲାନ–୧୯୮୬ ପ୍ରଭୃତି ଅନେକ ଐତିହାସିକ ବ୍ୟବସ୍ଥା ଓ କାର୍ଯ୍ୟ ରାଜୀବ ଗାନ୍ଧୀ କରିଯାଇଛନ୍ତି। ସେ ଏକ ବିଂଶ ଶତାବ୍ଦୀରେ ଯେଉଁ ଭାରତର ସ୍ୱପ୍ନ ଦେଖିଥିଲେ ସେ ସ୍ୱପ୍ନକୁ ସାକାର କରିବା ଆମର କର୍ତ୍ତବ୍ୟ। ପ୍ରଣତୀ ମିଶ୍ର, ବିଶ୍ୱକଲ୍ୟାଣୀ କର, ଅମିତା ବିଶ୍ୱାଳ, ଜୟସ୍ମିତା ମହାନ୍ତି, ଅମିଷା ସାମନ୍ତରାୟ, ସୁଶ୍ରୀ ସଙ୍ଗୀତା ବାହିନୀପତି, ସିଲି ସେଠୀ, ସିପ୍ରା ମଲ୍ଲିକ, ସଂମସିଦା ତାୟବ, ଶିଳ୍ପିଶ୍ରୀ ହରିଚନ୍ଦନ, ଲିପିକା ପାତ୍ର, କଳ୍ପନା ପଣ୍ଡା, ଜାନକୀ ମଲ୍ଲିକ, ଉର୍ବଶୀ ମିଶ୍ର, ରାନୁ ପାତ୍ର, ପ୍ରମିଳା ସାହୁ, ମିନାକ୍ଷୀ ପ୍ରଧାନ, ଚୈତାଳୀ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପିଆଇବି ଓ ସିବିସି ଭୁବନେଶ୍ୱରର କାର୍ଯ୍ୟ ସମୀକ୍ଷା କଲେ କଲେ ପୂର୍ବାଞ୍ଚଳ ଡିଜି ଶ୍ରୀ ଟି.ଭି.କେ. ରେଡ୍ଡୀ

ଭୁବନେଶ୍ୱର, ୨୧/୮ (ପିଆଇବି): ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପୂର୍ବାଞ୍ଚଳ ମହାନିର୍ଦ୍ଦେଶକ (ଡିଜି) ଶ୍ରୀ ଟି.ଭି.କେ. ରେଡ୍ଡୀ ଆଜି ଭୁବନେଶ୍ୱରସ୍ଥିତ ପିଆଇବି ଓ ସିବିସିର ଆଞ୍ଚଳିକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ପିଆଇବି ଓ ସିବିସି, ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକଳାପ, ଉପଲବ୍ଧି ଏବଂ ଜାରି ରହିଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ।ଏଥିସହିତ ସେ ବିଭିନ୍ନ ଜନସମ୍ପର୍କ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ନେଇ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ମତ ବିନିମୟ କରିଛନ୍ତି ।



ଏହି ଅବସରରେ ଶ୍ରୀ ଟି.ଭି.କେ. ରେଡ୍ଡୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି "ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ଏକ ଭଲ ପ୍ରଥା" ବୋଲି କହିଥିଲେ। ସେ ପିଆଇବି ଓ ସିବିସି, ଭୁବନେଶ୍ୱରର କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହ ଉଭୟ କାର୍ଯ୍ୟାଳୟ ଭଲ କାମ କରୁଥିବା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷକରି ଗଣମାଧ୍ୟମ ଗସ୍ତ, ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଏବଂ ସେଗୁଡ଼ିକର ସୁଗମ ପରିଚାଳନାକୁ ସେ ପ୍ରଶଂସା କରିଥିଲେ। ଏଭଳି ପରିଦର୍ଶନ ଦ୍ୱାରା ସ୍ଥାନୀୟ ସ୍ତରରେ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପକୁ ନିକଟରୁ ବୁଝିବା ସହ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ପ୍ରତ୍ୟକ୍ଷ ମତବିନିମୟର ସୁଯୋଗ ମିଳିଥାଏ ବୋଲି ସେ ଉଲ୍ଲେଖ କରିଥିଲେ।

ଶ୍ରୀ ରେଡ୍ଡୀ ସରକାରୀ ପଦକ୍ଷେପଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ପ୍ରତ୍ୟକ୍ଷ ଏବଂ ଆପୋସ ଯୋଗାଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରମୁଖ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବାରେ ସିବିସିର କ୍ଷେତ୍ରସ୍ତରୀୟ ଯୋଗାଯୋଗ ଏବଂ ପ୍ରସାର ପଦ୍ଧତିର ପ୍ରଭାବ ଉପରେ ଆଲୋକପାତ କରିଥିଲେ ଏବଂ ତୃଣମୂଳସ୍ତରରେ ଏହାର ଉପଯୋଗିତା ବିଷୟରେ ମତ ରଖିଥିଲେ । ଏହା ଲୋକଙ୍କ ସହିତ ସିଧାସଳଖ ସମ୍ପର୍କ ଯୋଗାଯୋଗ ବ୍ୟବଧାନକୁ ପୂରଣ କରିବା, ଅଧିକ ସଚେତନତା ବୃଦ୍ଧି କରିବା ଏବଂ ସାର୍ବଜନୀନ ପ୍ରସାର ପଦକ୍ଷେପର ପ୍ରଭାବକୁ ସୁଦୃଢ଼ କରିବାରେ ସାହାଯ୍ୟ କରିପାରିବ ବୋଲି ସେ ଜୋର୍ ଦେଇ କହିଥିଲେ ।

ପିଆଇବି ଓ ସିବିସି, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ନିଜ ଅଭିଭାଷଣରେ ବିଭିନ୍ନ କାର୍ଯ୍ୟକଳାପ ଓ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିବା ସହ ସରକାରଙ୍କ ବିଭିନ୍ନ ନୀତି, ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ଗଣମାଧ୍ୟମ ଏବଂ ଜନସାଧାରଣଙ୍କ ନିକଟରେ ପ୍ରଭାବଶାଳୀ ଭାବେ ପହଞ୍ଚାଇବାରେ ଉଭୟ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପିଆଇବି ଓ ସିବିସି ମଧ୍ୟରେ ଉତ୍ତମ ସମନ୍ୱୟ ଓ ସହଯୋଗ ମାଧ୍ୟମରେ ଲୋକସମ୍ପର୍କ କାର୍ଯ୍ୟକଳାପକୁ ଆହୁରି ବ୍ୟାପକ ଓ ପ୍ରଭାବଶାଳୀ କରିବା ତଥା ଗଣମାଧ୍ୟମ ସହ ନିରନ୍ତର ଯୋଗାଯୋଗ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ଆଞ୍ଚଳିକ ସମ୍ବାଦ ବିଭାଗର ମୁଖ୍ୟ ତଥା ଉପ-ନିର୍ଦ୍ଦେଶକ ଶ୍ରୀ ଅଭିଷେକ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଆରଏନୟୁ ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ ।

ସିବିସି, ଭୁବନେଶ୍ୱର ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ପିଆଇବି ଭୁବନେଶ୍ୱରର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ଶ୍ରୀ ସ୍ୱାଧୀନ ଶକ୍ତି ପ୍ରସାଦ ବିଭାଗ ଦ୍ୱାରା ପରିଚାଳିତ ମୁଖ୍ୟ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେହିପରି, ସିବିସିର ପ୍ରଶାସନିକ ଅଧିକାରୀ ଶ୍ରୀ ବଳଦେବ ସିଂ ସଂସ୍ଥାର ପ୍ରମୁଖ ସଫଳତା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।

ଏହାପରେ ସିବିସିର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ବୈଠକରେ ପିଆଇବି ଏବଂ ସିବିସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ବିକାଶ ପରିଷଦ ଓ ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ମିଳିତ ସାମ୍ବାଦିକ ସମ୍ମିଳନୀ

ଚଣ୍ଡିଖୋଲ ,୨୧/୮:ପାରାଦ୍ୱୀପ ୫୩ ନମ୍ବର୍ ଜାତୀୟ ରାଜପଥ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ପାଇଁ ଦାୟୀ ଥିବା ଉଘ ଉଙଘଝଟଖଞ୍ଜଇଘଞ୍ଜ କୁ କଳା ତାଲିକା ଭୁକ୍ତ କରିବା ସହ କମ୍ପାନୀ ମାଲିକ ସିଦ୍ଧାର୍ଥ ସ୍ୱରୂପ ଦାଶ ଙ୍କ ବିରୁଦ୍ଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି।

କେନ୍ଦ୍ରପଡ଼ା ଜିଲ୍ଲା ର ଛାତି ଉପରେ ଯାଇଥିବା ଚଣ୍ଡିଖୋଲ – ପାରାଦ୍ୱୀପ ୫୩ ନମ୍ବର୍ ଜାତୀୟ ରାଜପଥ ଏବେ ଲୋକଙ୍କ ଯାତାୟତ ପାଇଁ ବିପଦ ସୃଷ୍ଟି କରିଛି। ବିଭିନ୍ନ ସମୟରେ ଜାତୀୟ ରାଜପଥ ଧସିଯିବା, ପୋଲ ଭାଙ୍ଗି ଗଳି ପଡିବା ଭଳି ଦୁର୍ଘଟଣା ମାନ ଘଟି ଆସୁଛି। କିଛି ମାସ ପୂର୍ବରୁ ଶ୍ୟାମସୁନ୍ଦରପୁର ପୁର ନିକଟ ଜାତୀୟ ରାଜପଥ ଓଭର ବ୍ରିଜ ରାତ୍ର ସମୟରେ ୨୦୦ଫୁଟ ଲମ୍ବା ରେ ୧୦୦ ଫୁଟ ତଳକୁ ଧସି ପଡ଼ିଥିବା ବେଳେ ଗତ ଅଗଷ୍ଟ ୧୫ ତାରିଖ ରେ ମାର୍ଶାଘାଇ ନିକଟ ନିଳାଞ୍ଚଳ ବଜାର ନିକଟ ୫୩ ନମ୍ବର ଜାତୀୟ ରାଜପଥ ରାସ୍ତା ୧୦୦ ଫୁଟ୍ ଲମ୍ବା ରେ ୫୦ ଫୁଟ୍ ତଳକୁ ଧସି ଯାଇଥିବା ଦେଖା ଯାଇଥିଲା। ଯାହା ର ପ୍ରଭାବ ରେ ତିନୋଟି ଖାଲି ଟ୍ରକ ମଧ୍ୟ ବିଲକୁ ଖସି ଓଲଟି ପଡିଥିଲା। ବିଭିନ୍ନ ସମୟରେ ହେଉଥିବା ଜାତୀୟ ରାଜପଥ ଦୁର୍ଘଟଣା ସାଧାରଣ ଜନ ସାଧାରଣ ଙ୍କ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି କରୁଛି। ସାଧାରଣ ଜନ ସାଧାରଣ ଜାତୀୟ ରାଜପଥ ରେ ଯିବା ପାଇଁ ସୁରକ୍ଷିତ ମନେ କରୁନାହାଁନ୍ତି। ଏହି ଚଣ୍ଡିଖୋଲ – ପାରାଦ୍ୱୀପ ୫୩ ନମ୍ବର୍ ଜାତୀୟ ରାଜପଥ କୁ ପ୍ରଶସ୍ତ ଓ ୮ ଲାଇନ୍ ବିଶିଷ୍ଟ ରାସ୍ତା କାର୍ଯ୍ୟ କରିବା ପାଇଁ ଓ ତଦାରଖ କରି ସଠିକ୍ ସୁଚନା ପ୍ରଦାନ କରିବା ସହ ସଂପୂର୍ଣ୍ଣ ଦାୟିତ୍ୱ DN CONSULTANT କୁ ଦିଆଯାଇ ଥିଲା ଯାହାର ଚୁକ୍ତି ମାର୍ଚ୍ଚମାସ ୨୦୨୪ ମସିହାରେ ହୋଇଥିଲା ହେଲେ ଏହି DN CONSULTANT ଘରୋଇ କମ୍ପାନୀ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ର ମାନ ତୃଟିପୂର୍ଣ୍ଣ ନିରକ୍ଷଣ ଫଳରେ ଜାତୀୟ ରାଜପଥ ଅଧିକାଂଶ ଅଂଶ ଧସିଜିବା,ଭାଙ୍ଗି ଯିବା, ରାସ୍ତା ରେ ବଡ଼ ବଡ଼ ଗାତ ସୃଷ୍ଟି ହେଉଥିବା ଦେଖାଯାଇଛି। ଏହି ଘରୋଇ କମ୍ପାନୀ ର ମାଲିକାନା ପ୍ରଦେଶ କଂଗ୍ରେସ କମିଟି ର କୋଷାଧକ୍ଷ ଇଂଜିନିୟର ସିଦ୍ଧାର୍ଥ ସ୍ୱରୂପ ଦାଶ ଙ୍କ ନାମରେ ରହିଛି କଂଗ୍ରେସ ର ପ୍ରମୁଖ ପଦପଦବୀ ରେ ଥିବାରୁ ଏହି ଜାତୀୟ ରାଜପଥ ରେ ହେଉଥିବା ତ୍ରୁଟି କୁ ଅଣଦେଖା କରୀ ଆସୁଛି କଂଗ୍ରେସ। ଲୋକ ଙ୍କ ରାଜସ୍ୱ ସହ ସହ କୋଟି ଟଙ୍କା ଏବେ ପାଣିରେ ପଡ଼ିଛି।ତେବେ ଜାତୀୟ ରାଜପଥ କୁ ବିପଦ ମୁଖୀ କରି ଥିବା ଅଣ ଅଭିଜ୍ଞ ଉଘ ଉଙଘଝଟଖଞ୍ଜ– ଇଘଞ୍ଜ ଘରୋଇ କମ୍ପାନୀ କୁ କଳାତାଲିକା ଭୁକ୍ତ କରିବା ସହ ଏବେ ହୋଇଥିବା ସମସ୍ତ ଦୁର୍ଘଟଣା, ଭବିଷ୍ୟତ ରେ ହେବାକୁ ଥିବା ସମସ୍ତ କ୍ଷୟକ୍ଷତି ର ଭରଣା ଏହି ଘରୋଇ କମ୍ପାନୀ ବହନ କରିବା ପାଇଁ ଏକ ଚୁକ୍ତି ସାର୍ବଜନୀନ କରିବା ସହ ଜାତୀୟ ରାଜପଥ ରାଜପଥ ରେ ବ୍ୟୟ ହୋଇଥିବା ସମସ୍ତ ଅର୍ଥ ଏହି ଘରୋଇ କମ୍ପାନୀ ଠାରୁ ଆଦାୟ କରାଯାଉ ଏଭଳି ନିମ୍ନ ମାନ ର କାର୍ଯ୍ୟ ରେ ସହଭାଗିତା ଥିବା ଏନ୍.ଏଚ୍. ଆଇ ପ୍ରୋଜେକ୍ଟ ମ୍ୟାନେଜର ଦର୍ଶି ପ୍ରକାଶ ଙ୍କ ଉପରେ ତଦନ୍ତ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାକୁ ଆମ୍ଭେ ଦାବି କରୁଛୁ।

# ବିଦ୍ୟୁତ୍ ସମସ୍ୟାର ସମାଧାନ ଦାବିରେ ଟିପିସିଓଡିଏଲ୍ ଚିଫ୍ ଇଞ୍ଜିନିୟରଙ୍କୁ କଟକ ସହର (ଜିଲ୍ଲା) ଜନତା କଂଗ୍ରେସର ଦାବିପତ୍ର

କଟକ ,୨୧/୮ :ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କଟକ ସହରର ଜରୁରୀ ବିଦ୍ୟୁତ୍ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ବାଦାମବାଡ଼ିସ୍ଥିତଟିପିସିଓଡିଏଲ୍ (ଞ୍ଚଟଉଙଉଖ) ଚିଫ୍ଇଞ୍ଜିନିୟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଟକ ସହର (ଜିଲ୍ଲା) ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଏହି ଦାବିପତ୍ର ହସ୍ତାନ୍ତର କରିଛନ୍ତି।




ସହରର ପ୍ରସିଦ୍ଧ ଗଣେଶ ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ସମୟରେ ସାଧାରଣ ଜନତା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି। ସହରର ବିଭିନ୍ନ ସାହି ଓ ବସ୍ତିଗୁଡ଼ିକରେ ବହୁ ପୁରୁଣା ଟ୍ରାନ୍ସଫର୍ମର ଯୋଗୁଁ ସୃଷ୍ଟି ହେଉଥିବା ଲୋ-ଭୋଲ୍ଟେଜ୍ ସମସ୍ୟା ଦୂର କରିବା ପାଇଁ ନୂତନ ଏବଂ ଅଧିକ କ୍ଷମତାସମ୍ପନ୍ନଟ୍ରାନ୍ସଫର୍ମର ବସାଇବାକୁ ଦାବି କରାଯାଇଛି। ଏହାସହିତ ବିପଜ୍ଜନକ ଭାବେ ଝୁଲି ରହିଥିବା ୧୧ କେ.ଭି. ବିଦ୍ୟୁତ୍ ତାରଗୁଡ଼ିକୁ ତୁରନ୍ତ ଟାଣିବା ସହ ସୁରକ୍ଷିତ କଭର ଆବୃତ ସ୍ୱସ୍ୱତାରରେ ବଦଳାଇବାକୁ କୁହାଯାଇଛି।

ବର୍ଷା ଓ ପବନ ସମୟରେ ଗଛ ଡାଳ ପଡ଼ି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେଉଥିବାରୁ ତାର ନିକଟସ୍ଥ ଗଛଡାଳ ସଫା କରିବା ଏବଂ ଭସାଣି ରୁଟ୍‌ରେ ଥିବା ଉଚ୍ଚ ଗଛଡାଳଗୁଡ଼ିକୁ ସାମୟିକ ଛାଣ୍ଟିବା ପାଇଁ ଦାବି କରାଯାଇଛି। ଅଧିକ ଦୂରତାରୁ ସର୍ଭିସ୍ ତାର ସଂଯୋଗ ହୋଇଥିବା ସ୍ଥାନଗୁଡ଼ିକରେ ନୂତନ ବିଦ୍ୟୁତ୍ ଖୁଣ୍ଟ ବସାଇବା ପାଇଁ ନିବେଦନ କରାଯାଇଛି। ସେହିପରି ଭସାଣି ଶୋଭାଯାତ୍ରା ସମୟରେ ଦୁର୍ଘଟଣା ଏଡ଼ାଇବା ପାଇଁ ପ୍ରତ୍ୟେକ ମେଢ଼ ସହିତ ଜଣେ ଲେଖାଏଁ ତାଲିମପ୍ରାପ୍ତ ସୁରକ୍ଷା ଇଲେକ୍ଟ୍ରିସିଆନ୍ (ଝବଲରଷ୍ଟଚ ରକ୍ଷରମଷ୍ଟକ୍ସସମସବଭ) ନିୟୋଜିତ କରିବା ଏବଂ ପୂଜା ଦିନଗୁଡ଼ିକରେ ୨୪ ଘଣ୍ଟିଆ ଜରୁରୀକାଳୀନ ସେବା ଓ ମରାମତି ଟିମ୍ ମୁତୟନ ରଖିବାକୁ କଟକ ସହର (ଜିଲ୍ଲା) ଜନତା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟ କେଦାର ପୃଷ୍ଟି, ବ୍ଲକ ସଭାପତି ସୁଷମା ଦାସ, ପ୍ରତାପ ପରିଡ଼ା, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ସୁରଜିତ ସାହୁ, ସେକ ଅବଦୁଲନସିମ, ଅଜିତ୍ କୁମାର ବେହେରା, ଲଲାଟେନ୍ଦୁ ମହାପାତ୍ର, ବରିଷ୍ଠ ନେତା ଦିଲ୍ଲୀପ କୁମାର ମହାନ୍ତି, ଚନ୍ଦନ ଦାସ, ସ୍ମୃତି ରଞ୍ଜନ ରାଉତ, ଅଜୟ ଗୋଛାୟତ, ସେକ ଗୁଲାମ୍ମଇଦିନ୍, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ରାୟ, ସୋନୁସ୍ୱାଇଁ, ଭାସ୍କର ରାଓ, ଅନିତା ବେହେରା, ରୀନା ରାଉତ, କିରଣବାଳା ମହାନ୍ତି, ସ୍ୱାଗତିକା ମହାପାତ୍ର, ଶେଷଦେବ ବେହେରା, ସେକ ସଲିମ, ସସ୍ମିତା ବେହେରା, ରାଧାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପଠାଣି ସାମନ୍ତ ମେଧାବୃତ୍ତି ରେ ଛାତ୍ରୀ ମାନେ ଆଗ ଧାଡିରେ



ଆଠମଲ୍ଲିକ ୨୧/୦୮(ପ୍ରତିଶବ୍ଦ ନ୍ୟୁଜ ) ଦେଶରେ ସବୁ କ୍ଷେତ୍ରରେ ନାରୀ ମାନଙ୍କ ସଫଳତା ବଢ଼ି ଚାଲିଥିବା ବେଳେ ବର୍ତମାନ ଆମ ଅଂଚଳ ର ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ହୋଇଛି । ଫଳ ପ୍ରକାଶିତ ହେଲା ପରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଶ୍ୱେତାପ୍ରଜ୍ଞା ମିଶ୍ର, ପ୍ରଜ୍ଞାପରମିତା ଘିବାଲା, ପ୍ରତୀକ୍ଷା ସାହୁ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଭାବରେ ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ମମତା ରାଣୀ ସାହୁ, ପ୍ରିୟାଂଶି ପ୍ରିୟ ଦର୍ଶିନୀ ସାହୁ, ରୀତିଶ୍ରୀ ବାଘ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ରୀ ଚିତ୍ରାଙ୍ଗନା ସାହୁ,ହର୍ଷିତା ପ୍ରଧାନ,ସାଇ ସ୍ୱସ୍ତିକ ପ୍ରଧାନ,ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ୯ ଜଣ କୃତି ଛାତ୍ର ଛାତ୍ରୀ ଙ୍କ ସମେତ ଆଠମଲ୍ଲିକ ବ୍ଲକ ରୁ ସମୁଦାୟ ୫୭ ଜଣ ଛାତ୍ର ଛାତ୍ରୀ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସ୍କୁଲ ର ଶିକ୍ଷକ ଶିକ୍ଷୟିତ୍ରୀ ସଫଳତା ପାଇଥିବା ଛାତ୍ର ଛାତ୍ରୀ ମାନଙ୍କ ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଭବିଷ୍ୟତ ରେ ଛାତ୍ରୀ ମାନଙ୍କ ଏହିଭଳି ସଫଳତା ଉଭୟ ଛାତ୍ର ଓ ଛାତ୍ରୀ ମାନଙ୍କୁ ପ୍ରେରିତ କରିବ ବୋଲି ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ମତ ପ୍ରକାଶ କରିଛନ୍ତି ।

# ମହାରାଷ୍ଟ୍ର ନିର୍ବାଚନ ଅଧିକାରୀଙ୍କୁ ଗୁରୁମନ୍ତ୍ର ଦେଲେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପାଳନ



ଭୁବନେଶ୍ୱର, ୨୧/୮ :ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ସଫଳ କାର୍ଯ୍ୟାନ୍ୱୟନ ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର୍. ଏସ୍. ଗୋପାଳନ ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଓ ଅଭିଜ୍ଞତା ବାଣ୍ଟିଛନ୍ତି। ମହାରାଷ୍ଟ୍ର ସିଇଓ ଶ୍ରୀ ଏସ୍. ଚୋକାଲିଙ୍ଗମ୍‌ଙ୍କ ନିମନ୍ତ୍ରଣ କ୍ରମେ ମୁମ୍ବାଇ ଗସ୍ତ କରି ଶ୍ରୀ ଗୋପାଳନ ବୃହନମୁମ୍ବାଇ ମହାନଗର ନିଗମର ୪ ଜଣ ଅତିରିକ୍ତ ପୌର ଆୟୁକ୍ତ, ୫ଟି ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ମାନଙ୍କୁ ସମ୍ବୋଧିତ କରିଥିଲେ।

ଏହି ଆଲୋଚନା ଚକ୍ରରେ ଓଡ଼ିଶାରେ ସଫଳତାପୂର୍ବକ ସମ୍ପାଦିତ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଯୋଜନା, ସମୀକ୍ଷା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ନିର୍ବାଚକମାନଙ୍କର ସଠିକ୍ ମ୍ୟାପିଂ, କ୍ଷେତ୍ର ସ୍ତରୀୟ ସମନ୍ୱୟ, ପ୍ରଯୁକ୍ତିବିଦ୍ୟା ଆଧାରିତ ମନିଟରିଂ, ନୋଟିସ୍ ଜାରି, ଶୁଣାଣି ଏବଂ ମାମଲାର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ଉପରେ ଓଡ଼ିଶା ସିଇଓ ଶ୍ରୀ ଗୋପଳନ ଆଲୋକପାତ କରିଥିଲେ।

ଶ୍ରୀ ଗୋପାଳନ ଜଣାଇଥିଲେ ଯେ ଓଡ଼ିଶା ମଡେଲ୍‌ରେ ତଥ୍ୟ ଆଧାରିତ ମନିଟରିଂ ଏବଂ ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣକୁ ପ୍ରାଥମିକତା ଦିଆଯାଇଥିଲା। ବୁଥ୍ ଏବଂ ବିଏଲ୍ଓ ସ୍ତରରେ ମ୍ୟାପିଂ ଅଗ୍ରଗତିର ନିରନ୍ତର ସମୀକ୍ଷା କରାଯିବା ସହ କମ୍ ପ୍ରଦର୍ଶନ କରୁଥିବା ଅଞ୍ଚଳଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା। ଏହାବାଦ୍ ସାଧାରଣ ନାଗରିକଙ୍କ ସୁବିଧା ଏବଂ ସ୍ୱୀପ୍ (ଝଠରରଚ) କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରି ଭୋଟରଙ୍କ ସହଭାଗିତା ବୃଦ୍ଧି କରାଯାଇଥିଲା।

ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ସଂଶୋଧନ ପ୍ରକ୍ରିୟାରେ ନାଗରିକଙ୍କ ସହଭାଗିତାକୁ ସହଜ କରିବା ଏବଂ ଯୋଗ୍ୟ ନାଗରିକମାନଙ୍କୁ ନିଜ ଭୋଟର ତାଲିକାର ବିବରଣୀ ଯାଞ୍ଚ ଓ ଅଦ୍ୟତନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଶ୍ରୀ ଗୋପାଳନ ଓଡ଼ିଶାରେ ବର୍ତ୍ତମାନର ଭୋଟର ତାଲିକାକୁ ପୂର୍ବ ଭୋଟର ତାଲିକା ସହିତ ମ୍ୟାପିଂ କରିବାର ପଦ୍ଧତି ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ। ଏଥିରେ ମ୍ୟାପ୍ ହୋଇଥିବା, ମ୍ୟାପ୍ ହୋଇନଥିବା ଏବଂ ଅସଙ୍ଗତି ଥିବା ମାମଲାଗୁଡ଼ିକୁ ସୁସଂଗଠିତ ଭାବେ ଚିହ୍ନଟ କରାଯାଉଥିବା ବିଷୟରେ ସେ ସୂଚନା ଦେଇଥିଲେ।

ବୁଥ୍‌ୱାରୀ ଓ ବିଏଲ୍ଓ ୱାରୀ ମ୍ୟାପିଂ ପ୍ରଗତିର ନିରନ୍ତର ତଦାରଖ, କମ୍ ପ୍ରଗତି ହେଉଥିବା ଅଞ୍ଚଳରେ ସ୍ୱତନ୍ତ୍ର ହସ୍ତକ୍ଷେପ ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ତଥ୍ୟଭିତ୍ତିକ ମନିଟରିଂ ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ଓଡ଼ିଶା ମଡେଲ୍‌ର ମୁଖ୍ୟ ବୈଶିଷ୍ଟ୍ୟ ବୋଲି ସେ କହିଥିଲେ।

ସେହିପରି, ଏସ୍‌ଆଇଆର୍‌ର ନୋଟିସ୍ ଓ ଶୁଣାଣି ପର୍ଯ୍ୟାୟ ସମ୍ପର୍କରେ ମଧ୍ୟ ଶ୍ରୀ ଗୋପାଳନ ବିସ୍ତୃତ ସୂଚନା ଦେଇଥିଲେ।




ସମୟାନୁସାରେ ନୋଟିସ୍ ପ୍ରସ୍ତୁତି ଓ ପ୍ରଦାନ, ଭୋଟରଙ୍କୁ ଯଥେଷ୍ଟ ସମୟ ଦେଇ ଶୁଣାଣିର ସୂଚୀ ପ୍ରସ୍ତୁତି, ଦଲିଲ ଓ ଦାବିଗୁଡ଼ିକର ଯାଞ୍ଚ, ଶୁଣାଣିର ବିବରଣୀ ରେକର୍ଡ କରିବା ଏବଂ ଅଧିକାରୀମାନଙ୍କ ଦ୍ୱାରା ମାମଲାର ସମୟୋଚିତ ଫଇସଲା ଉପରେ ସେ ଗୁରୁତ୍ୱ ଦେଇଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ମାମଲା ଯେପରି ବିଚାରାଧୀନ ନ ରହେ, ସେଥିପାଇଁ ନୋଟିସ୍ ଓ ଶୁଣାଣିର ପ୍ରଗତିକୁ ନିରନ୍ତର ତଦାରଖ କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ।

ନିର୍ବାଚକ ପଞ୍ଜିକରଣ ଅଧିକାରୀ/ ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ ସ୍ତରରେ ବ୍ୟବସ୍ଥାକୁ ସୁଦୃଢ଼ କରିବା, ବିଏଲ୍ଓ ସ୍ତରରେ ତଦାରଖ, ବୈଷୟିକ ଓ ପରିଚାଳନାଗତ ସମସ୍ୟାର ତୁରନ୍ତ ସମାଧାନ ଏବଂ ସଂଶୋଧନ ପ୍ରକ୍ରିୟାର ନିରନ୍ତର ତଦାରଖ ଉପରେ ମଧ୍ୟ ଶ୍ରୀ ଗୋପାଳନ ଗୁରୁତ୍ୱ ଦେଇଥିଲେ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବାରେ ନିୟମିତ ସମୀକ୍ଷା ବୈଠକ, ସମସ୍ୟା ଚିହ୍ନଟ ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଓଡ଼ିଶାର ଅଭିଜ୍ଞତାରୁ ପ୍ରମାଣିତ ହୋଇଛି ବୋଲି ସେ କହିଥିଲେ।

ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀମାନେ ଶ୍ରୀ ଗୋପାଳନଙ୍କ ସହ ଏସ୍‌ଆଇଆର୍ କାର୍ଯ୍ୟାନ୍ୱୟନର ବିଭିନ୍ନ ପରିଚାଳନାଗତ ଦିଗ ଉପରେ ଆଲୋଚନା କରିଥିଲେ।

ଶ୍ରୀ ଏସ୍. ଚୋକ୍କାଲିଙ୍ଗମ୍ ଏସ୍‌ଆଇଆର୍ କାର୍ଯ୍ୟାନ୍ୱୟନରେ ଓଡ଼ିଶା ମଡେଲ୍ ଏବଂ ରାଜ୍ୟ ଆପଣାଇଥିବା ସୁସଂଗଠିତ ପଦ୍ଧତିକୁ ପ୍ରଶଂସା କରିଥିଲେ।ବିଶେଷ କରି ମ୍ୟାପିଂ, ମନିଟରିଂ, ନୋଟିସ୍ ପ୍ରସ୍ତୁତି ଓ ଶୁଣାଣି କ୍ଷେତ୍ରରେ ଓଡ଼ିଶାର ଶ୍ରେଷ୍ଠ ପଦ୍ଧତିଗୁଡ଼ିକୁ ମହାରାଷ୍ଟ୍ରରେ ଏସ୍‌ଆଇଆର୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଉପଯୁକ୍ତ ଭାବେ ପରୀକ୍ଷା କରି ଆପଣାଯିବ ବୋଲି ସେ ପ୍ରକାଶ କରିଥିଲେ।

# ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର ୨୧/୮ : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସର ସ୍ଥିତ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସ ନେତା ସର୍ବଶ୍ରୀ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ମିନାକ୍ଷୀ ବାହିନୀପତି, ଚିନ୍ମୟ ପ୍ରସାଦ ବେହୁରା, ଅରବିନ୍ଦ ଦାସ, ଅମୀୟ ପଟ୍ଟନାୟକ, ଅଭୟ ସାହୁ, ମନୋରଞ୍ଜନ ଦାଶ, ପ୍ରକାଶ ଜେନା, ମାନସ ଆଚାର୍ଯ୍ୟ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ରଜନୀ ମହାନ୍ତି, ପ୍ରକାଶ ମିଶ୍ର, ସଂଜୟ ମିଶ୍ର, ଲିଙ୍ଗରାଜ ସାହୁ, ଜୟସ୍ମିତା ମହାନ୍ତି, ବିଣାପାଣି ସାମଲ, ସୁଧିର ପଣ୍ଡା, ଭୁବନ ବିହାରି ସାହୁ, ମିହିର ଆଚାର୍ଯ୍ୟ, ଦେଓ ପ୍ରସାଦ, ପ୍ରଣତୀ ମିଶ୍ର, ପ୍ରଦୀପ ମହାପାତ୍ର, ମୋଟରାଜ ଡୁଙ୍ଗଡୁଙ୍ଗ, ଶ୍ରୀୟା ମହାନ୍ତି, ଆଶିଷ ମଲ୍ଲିକ, ସଂଜୟ ମଣ୍ଡଳ, ବସନ୍ତ ପଣ୍ଡା, ଭାସ୍କର ସେଠୀ, ଉଷାରାଣୀ ବେହେରା, ଏସଏନ ଅଲ୍ଲି, ଏମଡି ସାହାଦୁଲ୍ଲା, ଖଗେଶ୍ୱର ମଲ୍ଲିକ, ଅମିଷା ସାମନ୍ତରାୟ, ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# କଂଗ୍ରେସ ପାଇଁ ଭୋଟବ୍ୟାଙ୍କ ବଡ଼, ଭାରତୀୟଙ୍କ ପାଇଁ 'ବନ୍ଦେ ମାତରମ୍' ସର୍ବୋପରି



ଭୁବନେଶ୍ୱର, ୨୧/୮: କଂଗ୍ରେସ ପାଇଁ ଭୋଟବ୍ୟାଙ୍କ ବଡ଼ ହୋଇପାରେ, କିନ୍ତୁ ଭାରତୀୟଙ୍କ ପାଇଁ 'ବନ୍ଦେ ମାତରମ୍' ସର୍ବୋପରି' ବୋଲି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, ଯେଉଁ 'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମ ସମୟରେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମ, ତ୍ୟାଗ ଓ ସ୍ୱାଭିମାନର ଅଲିଭା ଶିଖା ପ୍ରଜ୍ୱଳିତ କରିଥିଲା, ସେଥିରୁ ଦୂରେଇ ଯିବା ପାଇଁ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ନିଷ୍ପତ୍ତି କେବଳ ଗୋଟିଏ ସାଧାରଣ ରାଜନୈତିକ ପ୍ରସ୍ତାବ ନୁହେଁ; ବରଂ ଏହା ସେମାନଙ୍କ ସଂକୀର୍ଣ୍ଣ ଓ ପୁରୁଣା ତୁଷ୍ଟୀକରଣ ମାନସିକତାର ଏକ ଜ୍ୱଳନ୍ତ ଉଦାହରଣ।୧୯୩୭ ମସିହାରେ ମଧ୍ୟ କଂଗ୍ରେସ ନିଜ ଭୋଟବ୍ୟାଙ୍କ ଏବଂ ସାମ୍ପ୍ରଦାୟିକ ଚାପ ଆଗରେ ମୁଣ୍ଡ ନୁଆଁଇ 'ବନ୍ଦେ ମାତରମ୍'କୁ ସୀମିତ କରିବାର ଅପଚେଷ୍ଟା କରିଥିଲା। ସେହି ସମୟର ଏହି ତୁଷ୍ଟୀକରଣ ନୀତି ଦେଶର ଏକତାକୁ ଦୁର୍ବଳ କରୁଥିବା ବିଚ୍ଛିନ୍ନତାବାଦୀ ଶକ୍ତିଗୁଡ଼ିକୁ ବଳ ଯୋଗାଇଥିଲା, ଯାହାର ଭୟଙ୍କର ପରିଣାମ ସ୍ୱରୂପ ଦେଶକୁ ପରବର୍ତ୍ତୀ ସମୟରେ ବିଭାଜନର ଯନ୍ତ୍ରଣା ଭୋଗିବାକୁ ପଡ଼ିଥିଲା।

ଆଜି ଯେତେବେଳେ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତିର ପବିତ୍ର ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ସେହି ଐତିହାସିକ ଭୁଲକୁ ସୁଧାରି ଏହାର ସମ୍ପୂର୍ଣ୍ଣ ଗାନକୁ ଆଇନଗତ ସଂରକ୍ଷଣ ଓ ଯଥୋଚିତ ସମ୍ମାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି, ସେତିକି ବେଳେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ପୁଣି ଥରେ ନିଜର ଦେଶବିରୋଧୀ ଓ ସଂକୀର୍ଣ୍ଣ ଚରିତ୍ର ଦେଖାଉଛି। ଇତିହାସର ସମ୍ବେଦନଶୀଳ ଭୁଲଗୁଡ଼ିକରୁ ଶିକ୍ଷା ନେବା ପରିବର୍ତ୍ତ ସେଗୁଡ଼ିକୁ ଦୋହରାଇବାର ଜିଦ୍ କଂଗ୍ରେସ ଦଳର ବୈଚାରିକ ଶୂନ୍ୟତା ଓ ନୈତିକ ଅବକ୍ଷୟକୁ ସ୍ପଷ୍ଟ କରୁଛି।

## ଓଡ଼ିଶାର ଖଣିଜ ସମ୍ପଦ ଉପରୁ ରାଜ୍ୟ ଅଧିକାର ଛଡ଼ାଇ ନେବାକୁ କେନ୍ଦ୍ରର ଅପଚେଷ୍ଟା

# ଖଣି ସଂଶୋଧନ ବିଲ୍‌କୁ କ୍ରାନ୍ତିସେନାର ବିରୋଧ

ଭୁବନେଶ୍ୱର, ୨୧/୮ : ସଂସଦରେ ପାରିତ ହୋଇଥିବା ଏମ୍‌ଏମ୍‌ଡିଆର ସଂଶୋଧନ ବିଲ୍ ଦ୍ୱାରା ଓଡ଼ିଶାର ଆର୍ଥିକ ସହାୟତା ଓ ପ୍ରାକୃତିକ ସମ୍ପଦ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାର ଉପରେ ଗୁରୁତର ବିପଦ ସୃଷ୍ଟି ହେବାକୁ ଯାଉଛି। ଓଡ଼ିଶା ଦେଶକୁ ସବୁଠାରୁ ଅଧିକ ଲୁହା, କୋଇଲା ଓ ଖଣିଜ ସମ୍ପଦ ଦେଉଛି। କେନ୍ଦ୍ରରେ ଏବଂ ଓଡ଼ିଶାର ଡବଲ ଇଞ୍ଜିନ ସରକାର ଥିବା ସମୟରେ ଓଡ଼ିଶା ଅଧିକ ଖଣି ରାଜସ୍ୱ ଲୁଟ୍ ଚାଲିଛି। ଖଣିଜ ସମ୍ପଦରୁ ଆସୁଥିବା ଅର୍ଥ ଡିଏମ୍‌ଏଫ୍ ଫଣ୍ଡକୁ ଜିଲ୍ଲାର ବିଭିନ୍ନ ବିକାଶ କାର୍ଯ୍ୟରେ ନିୟୋଜିତ ନକରି କେନ୍ଦ୍ର ସରକାର ଏହି ଅଧିକାରକୁ ଛିନ୍ନ କରି ନିଜ କବଜାକୁ ନେବାକୁ ଅପଚେଷ୍ଟା କରୁଛନ୍ତି। ଏମ୍‌ଏମ୍‌ଡିଆର ଆଇନରେ ସଂଶୋଧନ କରି ଓଡ଼ିଶାର ଖଣିଜ ସମ୍ପଦକୁ ଲୁଟ୍ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଏକ ରଣନୀତି ପ୍ରସ୍ତୁତ କରୁଛନ୍ତି। ୨୦୨୪ ଜୁଲାଇ ମାସରେ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଓଡ଼ିଶାରେ ଥିବା ବିଭିନ୍ନ ଖଣି କମ୍ପାନୀ ମାନଙ୍କ ଉପରେ ଥିବା ଦେଢ଼ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ରାଜ୍ୟ ସରକାର ଏହାକୁ ଆଦାୟ କରିବା ପରିବର୍ତ୍ତେ ସେହି ଅର୍ଥକୁ ହଡ଼ପ କରିବା ପାଇଁ ଏଭଳି ସୁଚିନ୍ତିତ ଚକ୍ରାନ୍ତ କରୁଛନ୍ତି ବୋଲି କ୍ରାନ୍ତି ସେନା ଓଡ଼ିଶାର ଆବାହକ ଇଂ ପାର୍ଥ ସାରଥୀ ମୁଦୁଲି କହିଛନ୍ତି। ଏମ୍‌ଏମ୍‌ଡିଆର ଆଇନ ପ୍ରଣୟନ ଦ୍ୱାରା ପ୍ରତିବର୍ଷ ଓଡ଼ିଶା ୧୨ ହଜାର କୋଟି ଟଙ୍କା ରାଜସ୍ୱ ହରାଇବା ସହ ଓଡ଼ିଶାରେ ଥିବା କୌଣସି ଖଣି ମାଲିକଙ୍କ ଠାରୁ ବକେୟା ଅର୍ଥ ଆଦାୟ କରିପାରିବେ ନାହିଁ। ଫଳରେ ଏବେ ଖଣି ଲୁଟ ପାଇଁ କେନ୍ଦ୍ର ସରକାର ସୁବର୍ଣ୍ଣ ସୁଯୋଗ ପାଇଛନ୍ତି। ମାତ୍ର ଦୁଃଖର ବିଷୟ ସଂସଦରେ ଓଡ଼ିଶାର ୨୦ଜଣ ସଂସଦ ଥାଇ ମାଧ ଓଡ଼ିଶାର ସ୍ୱାର୍ଥ ପାଇଁ କେହି ପ୍ରତିବାଦ ନ କରିବା ଅତ୍ୟନ୍ତ ଦୁଃଖଦ ଘଟଣା। ଓଡ଼ିଶାରେ ମୋହନ ସରକାର ଆସିବା ପରଠାରୁ ଖଣି ରୟାଲ୍‌ଟି ଏବଂ ଡିଏମ୍‌ଏଫ୍ ଫଣ୍ଡ ସନ୍ଦେହଘେରରେ ରହିଥିବା ବେଳେ ଏହି ଖର୍ଚ୍ଚକୁ ସାର୍ବଜନୀନ କରିବାକୁ ଓଡ଼ିଶା ସରକାର କୁଣ୍ଠାବୋଧ କରୁଛନ୍ତି କାହିଁକି ବୋଲି ଶ୍ରୀ ମୁଦୁଲି ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଜଳ, ଜମି, ଜଙ୍ଗଲ ଓ ଖଣିକୁ ନେବା ପରେ ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ଅଧିକାର ଉପରେ ଏକ ଗୁରୁତର ବିପଦ ସୃଷ୍ଟି ହେବାକୁ ଯାଉଛି ବୋଲି ସେ କହିଛନ୍ତି। ତେଣୁ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ସରକାର ଏକ ସର୍ବଦଳୀୟ ବୈଠକ ସହ ବିଧାନସଭାରେ ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇ ଏହି ବିଲ୍ ବରୁଦ୍ଧରେ ସର୍ବସମ୍ମତ ପ୍ରସ୍ତାବ ପାରିତ କରି କେନ୍ଦ୍ର ସରକାରଙ୍କ ସହ ଏ ବିଷୟରେ ଆଲୋଚନା କରି ଓଡ଼ିଶାର ଆର୍ଥିକ ସ୍ଥିରତା ଓ ଭବିଷ୍ୟତ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମୁଦୁଲି ଦାବି କରିଛନ୍ତି।

# ବଜେଟ୍‌ରେ ବ୍ୟବସ୍ଥା ନଥାଇ ପ୍ରତି ପଞ୍ଚାୟତକୁ ୩ କୋଟି ଘୋଷଣା କେବଳ ଏକ ଭେଳିକି: ବିଜେଡି



ଭୁବନେଶ୍ୱର, ୨୧/୮ : ପ୍ରତି ପଞ୍ଚାୟତକୁ ୩ କୋଟି ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିଥିବା ବେଳେ ବିଜୁ ଜନତା ଦଳ ଏହାକୁ ରାଜ୍ୟ ସରକାରଙ୍କର ଆଉ ଏକ ଭେଳିକି ବୋଲି କହିଛି । ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ, ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଦେବାରେ ବିଫଳ ହୋଇଥିବାରୁ, ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ଏହି ଭେଳିକି କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଥିଲେ ଯେ, ବଜେଟ୍ରେ କୌଣସି ବ୍ୟବସ୍ଥା ନଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା କେବଳ ଏକ ଭେଳିକି ଛଡା କିଛି ନୁହେଁ । ରାଜ୍ୟର ବଜେଟ୍ରେ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ଟଙ୍କା ଖର୍ଚ୍ଚ ହୋଇନପାରି ପଡି ରହୁଥିବା ବେଳେ, ଆଜିର ଏହି ଘୋଷଣା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨ ବର୍ଷରେ ବିଜେପିର ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ହୋଇଛି । ବିଜେପି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ଋଣର ସିଂହଭାଗ ଖୋଲା ବଜାରରୁ ଅଧିକ ସୁଧରେ ନିଆଯାଇଛି, ଯାହା ରାଜ୍ୟର ଆର୍ଥିକ ବୋଝ ବୃଦ୍ଧି କରିଛି । ପ୍ରତି ପଞ୍ଚାୟତକୁ ୩ କୋଟି ପ୍ରଦାନ କଲେ ରାଜ୍ୟକୁ ସମୁଦାୟ ପ୍ରାୟ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ରାଜ୍ୟ ବଜେଟ୍ରେ ବ୍ୟବସ୍ଥା ନଥିବା ବେଳେ, ଏହି ୨୧ ହଜାର କୋଟି ଟଙ୍କା କେଉଁଠାରୁ ଆସିବ ତାର କୌଣସି ସ୍ପଷ୍ଟତା ନାହିଁ । ବିଜେପି ସରକାରଙ୍କ ସମୟରେ ହୋଇଥିବା ଅଧିକାଂଶ ଘୋଷଣା କାର୍ଯ୍ୟକାରୀ ହୋଇପାରୁ ନାହିଁ । ରାଜ୍ୟରେ ବିକାଶ କାର୍ଯ୍ୟ ଠପ୍ ହୋଇଛି । ବନ୍ୟାରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ସରକାର ବିଫଳ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜିର ୩ କୋଟି ଘୋଷଣା କେବଳ ଭେଳିକି ଛଡା ଆଉ କିଛି ନୁହେଁ ।

# ରାଜ୍ୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ଆଶୁ ସୁଧାର ପାଇଁ ଆନ୍ଦୋଳନକାରୀ ଶିକ୍ଷକଙ୍କ ସହ ଆଲୋଚନା କରି ଦାବି ପୂରଣ କର- ସିପିଆଇ

ଭୁବନେଶ୍ୱର, ୨୧/୮ :ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନକ୍ରମେ ରାଜଧାନୀର ଗାନ୍ଧୀମାର୍ଗରେ ଅହୋରାତ୍ର ଗଣଧାରଣା ଚାଲିଛି। ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ଥାୟୀତ୍ୱ, ଅନୁଦାନ ସରକାରୀକରଣ, ଆବଶ୍ୟକୀୟ ନିଯୁକ୍ତି, ଚାକିରି ସର୍ତ୍ତାବଳୀ, ପେନସନ, ଛାତ୍ରଛାତ୍ରୀମାନଙ୍କୁ ସମାନ ସୁବିଧା ପ୍ରଦାନ ଇତ୍ୟାଦି ଦାବିରେ ଏହି ଆନ୍‌ଦୋଳନ ୧୬ ଅଗଷ୍ଟରୁ ଏ ପର୍ଯ୍ୟନ୍ତ ଚାଲିଛି। ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଭୁଲ୍ ପାଠ୍ୟପୁସ୍ତକ ପରିବର୍ତ୍ତନ ହେଲା ନାହିଁ। ତାଲିମ ପାଇ ବେରୋଜଗାର ଥିବା ଶିକ୍ଷକ ଆଶାୟୀଙ୍କ ଆନ୍‌ଦୋଳନ ଚାଲିଛି। ସରକାର ଏହି ସମସ୍ତ ସମସ୍ୟାର ସମାଧାନ ପରିବର୍ତ୍ତ ମୂକ ଦର୍ଶକ ସାଜିଛନ୍ତି। ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଉଭୟ ବିଧାନସଭା ଭିତରେ ଓ ବାହାରେ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରି ରାଜ୍ୟର ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଚାଲିଛନ୍ତି।

ଶିକ୍ଷକ ଓ କର୍ମଚାରୀଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରୁ ଅନୁଦାନ ପ୍ରତ୍ୟାଶୀ ସମସ୍ତ ସ୍କୁଲଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ, ରାଜ୍ୟର ସମସ୍ତ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଶିକ୍ଷକ ଏବଂ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ସହିତ ପେନସନ, ଖାଲିଥିବା ପଦବୀରେ ଅବିଳମ୍ବେ ନିଯୁକ୍ତି, ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସରକାରୀକରଣ, ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି, ରାଜ୍ୟର ସମସ୍ତ ବେସରକାରୀ ଓ ଯୋଗ୍ୟ ବିବେଚିତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ସରକାରୀ ସୁବିଧା ସମାନ ଭାବେ ପ୍ରଦାନ ଦାବି କରାଯାଇଛି।

କେବଳ ସେତିକି ନୁହେଁ, ରାଜ୍ୟରେ ପୂର୍ବରୁ ୧୯୯୪ ଠାରୁ ପ୍ରଚଳିତ ଅନୁଦାନ ନୀତିକୁ କାର୍ଯ୍ୟକାରୀ ନ କରି ଉଚ୍ଚସ୍ତରୀୟ କମିଟି ସୁପାରିଶକୁ ପ୍ରତୀକ୍ଷା ନାମରେ ଅହେତୁକ ବିଳମ୍ବ କରିଚାଲିଛନ୍ତି। ଫଳରେ ସମାନ ଶିକ୍ଷାଗତ ଯୋଗ୍ୟତା, ସମାନ ଅଭିଜ୍ଞତା ଥିବା ଶିକ୍ଷକଙ୍କୁ ସମାନ ବେତନ ନ ଦେଇ ଅନେକ ଶିକ୍ଷକ ୩୦ ବର୍ଷର ଶିକ୍ଷାଦାନର କଠୋର ଶ୍ରମ ପରେ ବି ଶ୍ରମର ମୂଲ୍ୟପ୍ରାପ୍ତିର ମୌଳିକ ଅଧିକାରରୁ ବଞ୍ଚିତ ହୋଇ ମୃତ୍ୟୁ ଘଟିଲାଣି। ପେନସନ ସମ୍ପର୍କରେ ୧୯୮୧ ପେନସନ ନିୟମକୁ ଲାଗୁ କରିବା ପାଇଁ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ତା. ୧୨/୧/୨୦୨୪ର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରୁନାହାନ୍ତି।

ଓଡ଼ିଶାରେ ୧୮୯ ଓ ଅନ୍ୟାନ୍ୟ ଅଣ-ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କର, ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ଗ୍ରାଚ୍ୟୁଇଟି ଓ ପେନସନ ସମେତ ୬୯୦ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ, ୨୫୫୧ ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ, ୬୦୯ ଅନୁଦାନପ୍ରାପ୍ତ ଏମ୍.ଇ. ସ୍କୁଲ, ୯୧୬ ନୂତନ ଅନୁଦାନପ୍ରାପ୍ତ ଏମ୍.ଇ. ସ୍କୁଲ, ୧୦୦ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସଂସ୍କୃତ ବିଦ୍ୟାଳୟ, ୩୯ ନୂତନ ଅନୁଦାନପ୍ରାପ୍ତ ସଂସ୍କୃତ ବିଦ୍ୟାଳୟ, ୭୭ ପୂର୍ଣ୍ଣ ଅନୁଦାନପ୍ରାପ୍ତ ମଦ୍ରାସା, ୧୧୩ ନୂତନ ଅନୁଦାନପ୍ରାପ୍ତ ମଦ୍ରାସା, ୬୬୨ ମହାବିଦ୍ୟାଳୟ, ୪୪୮ ମହାବିଦ୍ୟାଳୟ ପାଇଁ ମୋଟ ଆବଶ୍ୟକୀୟ ବାର୍ଷିକ ଅନୁଦାନ ଅଧିକ ୧୫ଶହ କୋଟି ଟଙ୍କା ମଧ୍ୟରେ ସୀମିତ ଥିବାବେଳେ ରାଜ୍ୟ ସରକାର ମାନ୍ୟବର ବିଚାରାଳୟଙ୍କୁ ୧୮ ହଜାର କୋଟି ଟଙ୍କାର ଆବଶ୍ୟକତା ଥିବା ଦର୍ଶାଇ ବିଭ୍ରାନ୍ତ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି କୁହାଯାଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati